## ନିଆଁରେ ପୋଡ଼ି ମହିଳା ଗୁରୁତର

କୁଜଙ୍ଗ,(ଡି.ଏନ୍.ଏ.): କୁଜଙ୍ଗ ଥାନା ବଳରାମପୁର ଗ୍ରାମର ଜୁଲୁକା ତରାଇଙ୍କ ସ୍ତ୍ରୀ ସସ୍ମିତା (୨୬) ଗୁରୁବାର ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି।

### ସଂକ୍ଷେପରେ

## ଆଳିପିଙ୍ଗଳ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଚୋରି ଉଦ୍ୟମ

ଜଗତ୍‌ସିଂହପୁର ଅଫିସ୍,୨୯।୭: ଜଗତ୍‌ସିଂହପୁର ଆଳିପିଙ୍ଗଳରେ ଥିବା



ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ବୁଧବାର ଚୋରି ଉଦ୍ୟମ ହୋଇଛି। ଏସମ୍ପର୍କରେ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ପରିଚାଳକ ବିଦ୍ୟାଧର ସାହୁ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମାମଲା (ନଂ.୩୭୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ସିସିଟିଭି ଫୁଟେଜ୍‌ରୁ ୨ ଜଣ ଚୋର ଏଟିଏମ୍‌କୁ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବା ଜଣାଯାଇଛି। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ।

## ଅନ୍‌ଲାଇନରେ ପ୍ରଥମ ତୃତୀୟ୍ ଲିଙ୍ଗୀଙ୍କୁ ସ୍ୱୀକୃତି ପ୍ରମାଣପତ୍ର

କେନ୍ଦ୍ରାପଡା ଅଫିସ,୨୯।୭: କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ଥର ପାଇଁ ଜଣେ ତୃତୀୟଲିଙ୍ଗୀଙ୍କୁ ସ୍ୱୀକୃତି ଯୋଜନାରେ ପ୍ରମାଣପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଡିଏମ୍ ବସନ୍ତ କୁମାର ରାଉତ ଏହି ପ୍ରମାଣପତ୍ର ସହରର ଗୋପ ଗାଁର ଏଲିନା ଦାସଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଏଲିନା କୁହନ୍ତି, ସଙ୍ଗୀତ ଶିକ୍ଷାରେ ଯୁକ୍ତ ଦୁଇ ପାସ କରିଛି। ତେବେ ତାଙ୍କର ସାମାଜିକ ସୁରକ୍ଷା ନେଇ କୌଣସି ବ୍ୟବସ୍ଥା ନ ଥିଲା। ଏହି ପ୍ରମାଣପତ୍ର ମିଳିବା ପରେ କେନ୍ଦ୍ରୀୟ ଯୋଜନା ଅନୁଯାୟୀ, ସାମାଜିକ ସୁରକ୍ଷା ମିଳିପାରିବ। ଏଥିପାଇଁ ଖୁସିଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ କହିଛନ୍ତି, ତୃତୀୟ ଲିଙ୍ଗୀଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ୨୦୨୦ରେ ସ୍ୱୀକୃତି ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ସ୍ମାର୍ଟ କାର୍ଡ ପ୍ରଦାନ ସହ ପିଲାଙ୍କ ପରିପାଳନ ପାଇଁ ମାସିକ ୧୦୦୦ ଟଙ୍କା ପ୍ରଦାନ କରାଯାଇଥାଏ। ଏଥିସହ ପଞ୍ଚମ ଶ୍ରେଣୀଠାରୁ ଶିକ୍ଷାବୃତ୍ତି, ବ୍ୟକ୍ତିତ୍ୱର ଉନ୍ନତି ପାଇଁ ସହଯୋଗ, ଦକ୍ଷତା ବିକାଶ ପାଇଁ ତାଲିମ, ଆତ୍ମନିଯୁକ୍ତି ପାଇଁ ସହାୟତା, ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଆଦିକୁ ଗୁରୁତ୍ୱ ଦିଆଯାଉଛି। ଯୋଜନାରେ ସାମିଲ ପାଇଁ ଏକ ଆବେଦନ ପତ୍ର ତୃତୀୟ ଲିଙ୍ଗୀଙ୍କଠାରୁ ଆସିଲେ ତଦନ୍ତ ପରେ ଅନ୍‌ଲାଇନରେ ଅପଲୋଡ ହୁଏ। ଏଥିପାଇଁ ଆଧାରକାର୍ଡ, ଆଫିଡାଭିଟ୍, ବାସସ୍ଥାନ ପ୍ରମାଣପତ୍ର ଆବଶ୍ୟକ ବୋଲି ଜିଲା ସାମାଜିକ ଅଧିକାରୀ ଦାସ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଜିଲାରେ ୪ ଜଣଙ୍କୁ ଏହି ଯୋଜନାରେ ଅଫଲାଇନରେ ପ୍ରମାଣ ପତ୍ର ଯୋଗାଇ ଦିଆଯିବା ସହ ଆତ୍ମନିର୍ଭର ପାଇଁ ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶନୀ ସାମିଲ ହୋଇଥିଲେ।

# ଚିଙ୍ଗୁଡି ଘେରି ଉଚ୍ଛେଦ ବନ୍ଦ

**ହାଇକୋର୍ଟଙ୍କ ନିର୍ଦ୍ଦେଶ ହେଉନି କାର୍ଯ୍ୟକାରୀ**
- ବିଷାକ୍ତ ରାସାୟନିକ ଜଳ ନଦୀରେ ପ୍ରବେଶ
- ବଉଳା କୁମ୍ଭୀରଙ୍କ ବଂଶ ବିଲୁପ୍ତ ଆଶଙ୍କା
- ମୃତ୍ତିକା ଅବକ୍ଷୟ ଓ ଆର୍ଦ୍ରଭୂମି ପ୍ରତି ବିପଦ

ମହାକାଳପଡ଼ା,୨୯।୭ (ଡି.ଏନ୍.ଏ.)



ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଚିଙ୍ଗୁଡି ଘେରି ଉଚ୍ଛେଦ ଭୟରେ ମହିଳାମାନେ ଜାଲ ଦେଇ ଚିଙ୍ଗୁଡି ଧରୁଛନ୍ତି।

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି ବ୍ୟାପକ ଭାବେ ବ୍ୟବସାୟୀ ନିର୍ମାଣ କରିଛନ୍ତି। ଉପକୂଳ ଅଞ୍ଚଳର ସରକାରୀ ଜଙ୍ଗଲ ଜମିରେ ନିର୍ଭୟ ଭାବେ ଚିଙ୍ଗୁଡି ଚାଷ ହେଉଛି। ଚିଙ୍ଗୁଡି ଘେରି ନିର୍ମାଣ ଯୋଗୁ ଉପକୂଳବର୍ତ୍ତୀ ମୃତ୍ତିକା ଅବକ୍ଷୟ ଓ ଆର୍ଦ୍ରଭୂମି ପ୍ରତି ଘୋର ବିପଦ ସୃଷ୍ଟି ଦେଖାଦେବ। ଏହାଦ୍ୱାରା ଜଳ, ଜମି, ଜଙ୍ଗଲ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ଏ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ପୂର୍ବରୁ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ରହିଛି। ନିର୍ଦ୍ଦେଶ ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ମହାକାଳପଡ଼ା ତହସିଲଦାର, ରାଜସ୍ୱ, ବନବିଭାଗ, ମତ୍ସ୍ୟବିଭାଗ, ଜମ୍ବୁ ଓ ତଣ୍ଡିଆପାଳ ସାମୁଦ୍ରିକ ଥାନା ମିଳିତ ସହଯୋଗରେ ସୁନିତି ପଞ୍ଚାୟତର କେତେକ ଚିଙ୍ଗୁଡି ଘେରିକୁ ଏପ୍ରିଲରେ ଉଚ୍ଛେଦ ହୋଇଥିଲା। ସପ୍ତାହେ ପରେ ଘେରି ଉଚ୍ଛେଦକୁ ପ୍ରଶାସନ ବନ୍ଦ କରି ଦେଇଥିଲା। କେତେଜଣ ଘେରି ମାଲିକଙ୍କ ନାଁରେ ମାମଲା ରୁଜୁ ହୋଇଛି। କିନ୍ତୁ କିଛିଦିନ ପରେ ବ୍ୟବସାୟୀ ପୁଣି ଉଚ୍ଛେଦ ଘେରି ବନ୍ଧ ନିର୍ମାଣ କରି ଚିଙ୍ଗୁଡି ଚାଷ ଚଳାଇଛନ୍ତି। ଲୋକଦେଖଣିଆ ଘେରି ଉଚ୍ଛେଦକୁ ସାଧାରଣରେ ନାପସନ୍ଦ କରାଯାଉଛି।

ଘେରି ଉଚ୍ଛେଦରେ ଟାଳଟୁଳ ନୀତି ଜିଲା ପ୍ରଶାସନ କରୁଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ହାଇକୋର୍ଟ ପୁଣି ଜିଲା ପ୍ରଶାସନକୁ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ବ୍ଲକର ବଟିଘର, ଖରିନାସି, ରାମନଗର, ପେଟଚ୍ଛେଲା, ବଉଳକଣି, ଜମ୍ବୁ, ସୁନିତି, କଂସାର ବଡଦାଣ୍ଡୁଆ, ବଡିଡ଼ି, ନାଞ୍ଜୁରା ଆଦି ପଞ୍ଚାୟତରେ ବହୁ ସରକାରୀ ଓ ବେସରକାରୀ ଜମିରେ ବ୍ୟାପକ ପରିମାଣର ଚିଙ୍ଗୁଡି ଚାଷ ହେଉଛି। ଏହି ଚିଙ୍ଗୁଡି ଘେରିର ଉଦ୍‌ବୃତ୍ତ ରାସାୟନିକ ଜଳ ନଦୀ, ସମୁଦ୍ରରେ ପ୍ରବେଶ ଯୋଗୁ ଜନ, ମୀନ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏହି ବିଷାକ୍ତ ଜଳ ନଦୀରେ ମିଶିବା ଦ୍ୱାରା ବଉଳା କୁମ୍ଭୀରଙ୍କ ବଂଶ ବିଲୁପ୍ତ ହେବା ଆଶଙ୍କା ରହିଛି ବୋଲି ପରିବେଶବିତ୍, ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ବର୍ଷାଦିନ ଯୋଗୁ ଘେରି ଉଚ୍ଛେଦ ବନ୍ଦ ଅଛି। ତେବେ ୩୪ଜଣ ବେଆଇନ ଚିଙ୍ଗୁଡି ଚାଷୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଆଗାମୀ ଦିନରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି।

## ମା’ ପଞ୍ଚୁବରାହୀଙ୍କ ମନ୍ଦିରରେ ଜୁଆର ମାଡ଼

ରାଜନଗର, ୨୯।୭(ଡି.ଏନ.ଏ.)

**ଭୁଶୁଡିଲା ୨ ସିଂହ**



ବଙ୍ଗୋପସାଗର ଅଶାନ୍ତ ହୋଇ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟା ଉପକୂଳରେ ଜୁଆର ମାଡ ହେଉଛି। ଉପକୂଳ ତଥା ରାଜନଗରର ଆରାଧ୍ୟା ଦେବୀ ମା’ ପଞ୍ଚୁବରାହୀଙ୍କ ପୁରୁଣା ମନ୍ଦିର ଜୁଆର ମାଡରେ ଭୁଶୁଡିବା ଅବସ୍ଥାରେ ରହିଛି। ଜୁଆର ମାଡ ଗୁରୁବାର ସନ୍ଧ୍ୟା ସୁଦ୍ଧା ମା’ଙ୍କ ମନ୍ଦିରର ପ୍ରବେଶ ପଥରେ ଥିବା ୨ଟି ସିଂହକୁ ଭାଙ୍ଗି ଭସାଇ ନେଇଛି। ମା’ଙ୍କ ମନ୍ଦିର ତଳୁ ବାଲିମାଟି ଧୋଇ ନେଇଛି। ମନ୍ଦିରର ଅଧା କାନ୍ଥ ଭୁଶୁଡି ପଡିଛି। ଯେକୌଣସି ମୁହୂର୍ତ୍ତରେ ପୂରା ମନ୍ଦିର ଭୁଶୁଡି ପଡିବ। ସମୁଦ୍ର ଜୁଆର ମନ୍ଦିରର କ୍ଷତି କରିବା ସହ ପୁରୁଣା ଜନବସତି ଅଞ୍ଚଳକୁ ମାଡି ଆସିଛି। ସେଠାରେ ଥିବା ଚାଷ ଜମିରେ ଲୁଣି ଜୁଆର ମାଡି ଯାଇଛି।

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ବଙ୍ଗୋପସାଗର କୂଳ ଆଁମୁହଁରେ ଥିବା ସାତଭାୟାରେ ମା’ ପଞ୍ଚୁବରାହୀ ଶହଶହ ବର୍ଷତଳୁ ପୂଜା ପାଇ ଆସୁଥିଲେ। ମା’ ପଞ୍ଚୁବରାହୀ ସମଗ୍ର ଓଡ଼ିଶା ଭୂଖଣ୍ଡରେ ଅନନ୍ୟ। ବଙ୍ଗୋପସାଗର ତଟ ଦେଶରେ ପୂର୍ବମୁଖା ହୋଇ ଏକ ଛାତ ଘର ମନ୍ଦିରରେ କଳାମୁଗୁନି ପଥରରେ ସ୍ଥାପିତ ୫ଗୋଟି ନାରୀ ମୂର୍ତ୍ତି ହିଁ ପଞ୍ଚୁବରାହୀ ଭାବେ ଖ୍ୟାତ। ଗଠନ ଶୈଳୀ ଦୃଷ୍ଟିରୁ ପାରମ୍ପାରିକ ଦେବୀ ମୂର୍ତ୍ତିମାନଙ୍କଠାରୁ ଏହାଭିନ୍ନ। ନାରୀ ଶରୀରର କମନୀୟ ଅବୟବ ମାତ୍ର ବରାହ ମୁଖ ହିଁ ଏହି ଦେବୀମାନଙ୍କର ବିଶେଷତ୍ୱ। ବରାହ ମୁଖଯୁକ୍ତା ପଞ୍ଚ କନ୍ୟାଙ୍କୁ ହିଁ ପଞ୍ଚୁବରାହୀ କୁହାଯାଏ। ପ୍ରଥମେ ମା’ ପାଟକୁମାରୀ, ପରେ ପଞ୍ଚୁବରାହୀ, କମଳୀ, ବିମଳୀ ଓ ଜଞ୍ଜାଳୀଙ୍କୁ ପୂଜା କରାଯାଇଥାଏ। ସାତଭାୟା ପୀଠରେ ପୂଜା ପାଉଥିବା ବରାହମୁଖୀ ଦେବୀଙ୍କ ସହ ଆଳିର ବରାହ ଜୀଉ ଓ ଯାଜପୁରର ମା’ ବିରଜା ଦେବୀଙ୍କ ସାମଞ୍ଜସ୍ୟ ରହିଛି। ଏହି ପୀଠକୁ ବାଦ ଦେଲେ ସମଗ୍ର ଭାରତବର୍ଷରେ ଅନ୍ୟତ୍ର କେଉଁଠି ବରାହମୁଖୀ ଦେବୀ ପୂଜା ପାଉଥିବା ଦେଖିବାକୁ ମିଳେ ନାହିଁ। ଏହି ମନ୍ଦିରରେ ବ୍ରାହ୍ମଣମାନଙ୍କ ପରିବର୍ତ୍ତେ କୈବର୍ତ୍ତ ସମ୍ପ୍ରଦାୟର ସଧବା ନାରୀମାନେ ହିଁ ମା’ ପଞ୍ଚୁବରାହୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସମୁଦ୍ର କୂଳରେ ଶହଶହ ବର୍ଷ ତଳୁ ପୂଜା ପାଇ ଆସୁଥିବା ମା’ ପଞ୍ଚୁବରାହୀଙ୍କୁ ବିପନ୍ନ ଅଧିବାସୀଙ୍କୁ ଥଇଥାନ କରାଯାଇଥିବା ବଗପାଟିଆକୁ ୨୦୧୮ ଏପ୍ରିଲ ୨୦ରେ ସ୍ଥାନାନ୍ତର କରାଯାଇଥିଲା। ବଗପାଟିଆରେ ବର୍ଣ୍ଣାଢ୍ୟ ମନ୍ଦିରରେ ମା’ଙ୍କୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ସାତଭାୟାରେ ଜନବସତି ନ ଥିଲେ ମଧ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ପୁରୁଣାମନ୍ଦିର ଉପରେ ଥିଲା। ସେଠାକୁ ପ୍ରତିଦିନ ଶ୍ରଦ୍ଧାଳୁ ଯାଇ ମନ୍ଦିରରେ ମାଆ ନଥିଲେ ମଧ୍ୟ ମା’ଙ୍କ ଆସ୍ଥାନକୁ ପୂଜାର୍ଚ୍ଚନା କରୁଥିଲେ।

## ସ୍ତ୍ରୀର ଆରୋଗ୍ୟ ପାଇଁ ହାତ ପାତୁଛନ୍ତି ବାଇନ

କେନ୍ଦ୍ରାପଡ଼ା ଅଫିସ, ୨୯।୭



ରୋଗ ଶଯ୍ୟାରେ ପଡିଥିବା ପ୍ରଭାତୀ ପାଣି।

ମୋର ସବୁ ନେଇଯାଅ। ମୋ ସ୍ତ୍ରୀକୁ ଭଲ କରିଦିଅ। ମୋ ସ୍ତ୍ରୀ ଭଲ ହୋଇଗଲେ ଆମେ ଦୁହେଁମିଶି ଆପଣଙ୍କ ପାଖରେ ଦାସୀ ଦାସ ହୋଇ ରହିବୁ। ଆପଣ ମୋ ସ୍ତ୍ରୀର ଆରୋଗ୍ୟ ପାଇଁ ଯେତେ ଖର୍ଚ୍ଚ କରିଥିବେ, ତାହାର ଦଶଗୁଣା ମଜୁରି ଖଟିବାକୁ ପ୍ରସ୍ତୁତ ଅଛି। ଏହା କୌଣସି ଯାତ୍ରା ଅଥବା ସିନେମାର ସଂଳାପ ନୁହେଁ, କେନ୍ଦ୍ରାପଡା ପୌରାଞ୍ଚଳ ଅଧୀନ ୱାର୍ଡ ନଂ. ୧୮ର କାକଟ ଗ୍ରାମର ବାଇନ ପାଣି କହୁଛନ୍ତି। ସ୍ତ୍ରୀ ପ୍ରଭାତୀର ଆରୋଗ୍ୟ ପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଲାଗି ଆକୁଳହୋଇ ହାତଯୋଡ଼ି କହୁଛନ୍ତି। ବାଇନ ଡ୍ରାଇଭର ଭାବେ ବସ୍ ଚଳାନ୍ତି। ତେବେ ଦେଶରେ ୨୦୨୦ର ଲକ୍‌ଡାଉନ ଆରମ୍ଭ ପରେ ତାଙ୍କର ଚାକିରି ଯାଇଛି। ଏହି ସମୟରେ ପ୍ରଭାତୀ ମେରୁଦଣ୍ଡରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ମେରୁଦଣ୍ଡ ବଙ୍କା ହୋଇଥିବାରୁ ବେଲ୍ଟ ପିନ୍ଧିବା ପାଇଁ ପରାମର୍ଶ ଓ ସାମାନ୍ୟ ଔଷଧ ନେଇ ଘରକୁ ଫେରିଥିଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ଏମ୍‌ଆର୍‌ଆଇ କରିବା ପରେ ହାର୍ଟରେ କିଛି ଅଂଶ ନଷ୍ଟ ହୋଇଥିବା ଡାକ୍ତର ଜଣାଇଥିଲେ। ଏହାର ଚିକିତ୍ସା ପାଇଁ ଘରର ସମସ୍ତ ପୁଞ୍ଜି ସରିବା ସହ ଆସବାବପତ୍ର ବିକ୍ରି କରି ସାରିଛନ୍ତି। ଏହାସତ୍ତ୍ୱେ ଅର୍ଥ ଅଭାବରୁ ଚିକିତ୍ସା କରାଇ ନ ପାରି ଘରକୁ ଫେରିଛନ୍ତି। ଶଯ୍ୟାଶାୟୀ ସ୍ତ୍ରୀ ପ୍ରଭାତୀଙ୍କ ଦୈନନ୍ଦିନ କାର୍ଯ୍ୟ ପାଇଁ ମଜୁରି ଖଟିବା ସମ୍ଭବ ହୋଇ ପାରୁନାହିଁ ବୋଲି ଗ୍ରାମବାସୀ ମତ ଦେଉଛନ୍ତି। ଏ ସମ୍ପର୍କରେ ବାଇନ କୁହନ୍ତି, ୨୦୦୯ରେ ଏକମାତ୍ର ୯ ବର୍ଷର ପୁଅକୁ ହରାଇଛି। ଦୁହେଁ ପରସ୍ପରକୁ ଭରସା କରି ଜୀବନ ବିତାଇବୁ ବୋଲି ଚିନ୍ତା କରିଛୁ। ତେବେ ଗତବର୍ଷରୁ ପ୍ରଭାତୀଙ୍କ ରୋଗ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଛି। ଏହି ରୋଗର ନିରାକରଣ ପାଇଁ ନିଃସ୍ୱ ହୋଇଛି। ଯଦି ସରକାରୀ ଓ ବେସରକାରୀ ସହଯୋଗ ମିଳନ୍ତା ଏହି କଷ୍ଟରୁ ଉଦ୍ଧାର ମିଳନ୍ତା ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ କହିଛନ୍ତି, ଏହି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ପ୍ରତି ମାସରେ ୧୦ କେଜି ଚାଉଳ ଦିଆଯାଉଛି। ରୋଗର ଚିକିତ୍ସା ପାଇଁ ସରକାରୀ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ: ଜଣେ କୋର୍ଟ ଚାଲାଣ

ତିର୍ତ୍ତୋଲ,୨୯।୭ (ଡି.ଏନ୍.ଏ.)

ତିର୍ତ୍ତୋଲ ଅବକାରୀ କାର୍ଯ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କୁ ଟଣା ଓଟରା ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ବୁଧବାର ସନ୍ଧ୍ୟାରେ ପୂର୍ବତନ ଠିକା ଗାଡି ଚାଳକ ଦେବାଶିଷ ଦାସ (ଦେବୁ)ଙ୍କୁ ପୋଲିସ ଗିରଫ କରିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଏନେଇ ତିର୍ତ୍ତୋଲ ଥାନାରେ ମାମଲା (ନଂ.୩୧୪/୨୧) ରୁଜୁ ହୋଇଛି। ଏହି ଘଟଣାରେ ଜଡ଼ିତ ଅନ୍ୟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଅଭିଯୋଗ ଅନୁଯାୟୀ, ପୂର୍ବତନ ଗାଡି ଚାଳକ ଦେବୁ ଉକ୍ତ କାର୍ଯ୍ୟାଳୟ ପରିସରରେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ମଦ ପିଉଥିଲେ। ଏହି ସମୟରେ ସମ୍ପୃକ୍ତା ମହିଳା କର୍ମଚାରୀ କାର୍ଯ୍ୟାଳୟ ଭିତରକୁ ଆସିଥିଲେ। ତାଙ୍କୁ ଦେଖି ୨ ଜଣ ଦୌଡି ପଳାଇଥିଲେ। ଜଣେ ଅଚେତ ହୋଇ ତଳେ ପଡିଯାଇଥିଲେ। ତେବେ ଅଭିଯୁକ୍ତ ଦେବୁ ସମ୍ପୃକ୍ତା ମହିଳାଙ୍କୁ ଟଣା ଓଟରା କରିଥିଲେ। ପାଖରେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ମଧ୍ୟ କୌଣସି ପ୍ରତିବାଦ କରି ନ ଥିଲେ। ବିଳମ୍ବିତ ରାତିରେ ମହିଳା କମଚାରୀ ଜଣକ ତିର୍ତ୍ତୋଲ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ।

## ଧାରଣାକାରୀଙ୍କୁ ଆକ୍ରମଣ ଅଭିଯୋଗରେ ୨ ଗିରଫ

ନାଉଗାଁ,୨୯।୭(ସ୍ୱ.ପ୍ର)

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଘଟଣା**

ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଜବ୍‌କାର୍ଡଧାରୀଙ୍କ ପକ୍ଷରୁ ଦିଆଯାଇଥିବା ଧାରଣା ଇତିମଧ୍ୟରେ ୧୦ ଦିନରେ ପହଞ୍ଚିଛି। ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଧାରଣାରେ ବସିଥିବା ମହିଳାମାନଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଧାରଣାସ୍ଥଳରେ ଥିବା ଚେୟାର ଭାଙ୍ଗିବା ସହ ପଲିଥିନ ଓ ତମ୍ବୁ ଆଦି ଚିରି ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଗୁରୁବାର ମାମଲା (ନଂ.୬୧/୨୧) ରୁଜୁ କରାଯାଇଛି। ଅଭିଯୁକ୍ତ ଜାମୁଦଣ୍ଡା ଗାଁର ସିଲୁ ନାୟକ ଓ ମୁଗେଇ ଗାଁର ଶରତ ଦାସଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ବ୍ୟତୀତ ଘୋଡାଂଶ ପଞ୍ଚାୟତ ସରପଞ୍ଚଙ୍କ ପୁତ୍ର ମିଟୁ ବାରିକ, ଦୋଳ କାନୁନ୍‌ଗୋଙ୍କ ନାମରେ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଭରତ କୁମାର ବେହେରା ପ୍ରକାଶ କରିଛନ୍ତି।

ଅପରପକ୍ଷେ ଜିଲା ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ଭାଜପା ସଦସ୍ୟମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ପ୍ରସଙ୍ଗରେ ବିଡିଓ ରଶ୍ମିରେଖା ମଲିକଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଭାଜପା ସଦସ୍ୟଙ୍କ ମଧ୍ୟରେ ଜିଲା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ସାଧାରଣ ସମ୍ପାଦକ ମୋନାଲିସା ଦାସ, ନିହାରିକା ସ୍ୱାଇଁ, ସନ୍ତୋଷିନୀ ଦାସ, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, କୁସୁମ ଦଳାଇ ପ୍ରମୁଖ ସାମିଲ ହୋଇଥିଲେ।

## କୁଜଙ୍ଗର ୩ ପଞ୍ଚାୟତକୁ ୨୭ ଲକ୍ଷ ଅନୁମୋଦନ

ଜଗତ୍‌ସିଂହପୁର ଅଫିସ୍, ୨୯।୭

- ୨୦୨୦ ବର୍ଷା, ବନ୍ୟା କ୍ଷୟକ୍ଷତି
- ଜିଲାପାଳଙ୍କ ପୋଷ୍ୟ ପଞ୍ଚାୟତ ବଡ଼ବାଲିକଣି ସାମିଲ

୨୦୨୦ ବର୍ଷା ଓ ବନ୍ୟାରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୋଷ୍ୟ ପଞ୍ଚାୟତ ଥିବା କୁଜଙ୍ଗ ବ୍ଲକର ବଡ଼ବାଲିକଣି ସମେତ କାଠକୋଟ ଓ ହଂସୁରାର ବ୍ୟାପକ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିଲା। ଏହି ୩ ପଞ୍ଚାୟତର ବିଭିନ୍ନ ଗ୍ରାମ୍ୟ ରାସ୍ତା, ବିଦ୍ୟାଳୟ ଘର, ଗୋଷ୍ଠୀ କେନ୍ଦ୍ର ଆଦି ମରାମତି ଓ ପୁନରୁଦ୍ଧାର ନିମନ୍ତେ ଜିଲାପାଳ ଗୁରୁବାର ସ୍ୱତନ୍ତ୍ର ଭାବେ ୨୯ଟି ପ୍ରକଳ୍ପ ପାଇଁ ୨୭,୦୧,୦୦୦ ଟଙ୍କା ଅନୁମୋଦନ କରିଛନ୍ତି। ସେଥିମଧ୍ୟରୁ ବଡ଼ବାଲିକଣି ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ସାନବାଲିକଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚୌଧୁରୀକୁଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ୨ ଲକ୍ଷ ଟଙ୍କା ଲେଖାଏ ଅନୁମୋଦନ ଲାଭ କରିଛି। ସେହିପରି କାଠକୋଟ ପଞ୍ଚାୟତର ବାରମାଣିଆ ଗ୍ରାମ୍ୟ ରାସ୍ତା ଓ ଗାର୍ଡ ୱାଲ, କାଠକୋଟ-ବତାସରା ରାସ୍ତା ମରାମତି ଓ ପୁନରୁଦ୍ଧାର ନିମନ୍ତେ ୭୫,୦୦୦ ଟଙ୍କା ଲେଖାଏ ଅନୁଦାନ ବ୍ୟବସ୍ଥା କରାଯାଇଛି। କୁକୁରଖାଇ-ସରଳାଇ-ବାରମାଣିଆରୁ ହଂସୁରା ରାସ୍ତା ନିମନ୍ତେ ୨,୨୫,୦୦୦ ଟଙ୍କା, କାଠକୋଟ ୱାର୍ଡ ନଂ. ୯ ରାସ୍ତା ମରାମତି ପାଇଁ ୬୬,୦୦୦, କାଠକୋଟ ଗ୍ରାମ ପୂର୍ତ୍ତ ବିଭାଗ ରାସ୍ତାରୁ ସଦନ ପ୍ରଧାନ ଘର ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ୭୫,୦୦୦, କାଠକୋଟ ଦାସ ସାହିରୁ ଦୀନବନ୍ଧୁ ଦାସଙ୍କ ଘର ପର୍ଯ୍ୟନ୍ତ ରାସ୍ତା ମରାମତି ନିମନ୍ତେ ୬୮,୦୦୦, କାଠକୋଟ କୁକୁରଖାଇ କ୍ଲବଠାରୁ ପାଇକା ଡାହାଣ ପଟ ନଦୀ ବନ୍ଧ ରାସ୍ତା ମରାମତି ନିମନ୍ତେ ୮୪,୦୦୦, ଗୋବର୍ଦ୍ଧନପୁର ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଚାଟରା ଦଣ୍ଡା ଓ ନୂଆପୋଖରୀ ରାସ୍ତା ମରାମତି ପାଇଁ ୭୫,୦୦୦ ଟଙ୍କା ଅନୁମୋଦନ ହୋଇଛି। ଗୋବର୍ଦ୍ଧନପୁର ପ୍ରହ୍ଲାଦ ମହାପାତ୍ରଙ୍କ ଘରଠାରୁ ବାଉରୀବନ୍ଧୁ ବେଉରାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ୬୬,୦୦୦ ଟଙ୍କା, ଗୋବର୍ଦ୍ଧନପୁର ଗାଁର ବାଉରୀବନ୍ଧୁ ସେଠୀଙ୍କ ଘରଠାରୁ ବାଇଧର ସେଠୀଙ୍କ ଘର ପର୍ଯ୍ୟନ୍ତ ରାସ୍ତାର ମରାମତି ନିମନ୍ତେ ୬୮,୦୦୦ ଟଙ୍କା ମଞ୍ଜୁର ହୋଇଛି। କାଠକୋଟ ପଞ୍ଚାୟତର ଜଟାଧାରୀ ମହାପୁରୁଷ ଗୋଷ୍ଠୀ କେନ୍ଦ୍ର (କମ୍ୟୁନିଟି ସେଣ୍ଟର) ମରାମତି ଓ ପୁନରୁଦ୍ଧାର ନିମନ୍ତେ ୨ ଲକ୍ଷ, ବଣସରା ଗାଁ ତାଳପଦା ରାସ୍ତା ମରାମତି ପାଇଁ ୭୫,୦୦୦, ଏହି ଗାଁର ପୂର୍ତ୍ତ ବିଭାଗ ରାସ୍ତାରୁ ପରିଜା ଘର ରାସ୍ତା ମରାମତି ନେଇ ୭୫,୦୦୦ ଟଙ୍କା ଅନୁମୋଦନ ଲାଭ କରିଛି। ହଂସୁରା ପଞ୍ଚାୟତର ଏକାଧିକ ରାସ୍ତା ମରାମତି ପାଇଁ ଅନୁଦାନ ବ୍ୟବସ୍ଥା କରାଯାଇଛି। ସେଗୁଡିକ ହେଲା ଜଗନ୍ନାଥ ମନ୍ଦିରରୁ ବାରମାଣିଆ ଛକ ରାସ୍ତା ପାଇଁ ୪୫,୦୦୦ ଟଙ୍କା, ଅନୋଳିପାଟଣା ଗାଁଠାରୁ ବ୍ରାହ୍ମଣ ସାହି ରାସ୍ତା ନିମନ୍ତେ ୬୮,୦୦୦, ଅନୋଳିପାଟଣା ଗାଁର ମାଳ ମଲ୍ଲିକଙ୍କ ଘରଠାରୁ କେନାଲ ପର୍ଯ୍ୟନ୍ତ ରାସ୍ତାରେ ୮୩,୦୦୦, ମସଦଲପୁର ଗ୍ରାମ୍ୟ ରାସ୍ତାରେ ୮୩,୦୦୦, ଶ୍ରୀଚନ୍ଦନପୁର ଗ୍ରାମ୍ୟ ରାସ୍ତାଠାରୁ ଅକ୍ଷୟ ମଲ୍ଲିକଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନେଇ ୮୩,୦୦୦, ଏହି ଗାଁର କଲଭର୍ଟ ନିକଟରୁ ଉପେନ୍ଦ୍ର ମଲ୍ଲିକଙ୍କ ଘର ପର୍ଯ୍ୟନ୍ତ ରାସ୍ତା ପାଇଁ ୪୧,୦୦୦, ସାଁପୁର ଟେଲିଫୋନ ଏକ୍ସଚେଞ୍ଜ ନିକଟରୁ ଶ୍ରୀଚନ୍ଦନପୁର ଗ୍ରାମ୍ୟ ରାସ୍ତା ନେଇ ୫୩,୦୦୦, ସାଁପୁର ଗାଁର ହନୁମାନ ମନ୍ଦିର ରାସ୍ତା ପାଇଁ ୬୬,୦୦୦ ଟଙ୍କା ଅନୁମୋଦନ ଲାଭ କରିଛି। ଅନୁରୂପ ଭାବେ ସାଁପୁର ଶିଶିର ମହାପାତ୍ରଙ୍କ ଘରଠାରୁ କେନାଲ ବନ୍ଧ ରାସ୍ତା ନେଇ ୬୬,୦୦୦, ହଂସୁରା ପଞ୍ଚାୟତର ଖୋସଲପୁର ଗାଁର ପୂର୍ତ୍ତ ବିଭାଗ ରାସ୍ତାରୁ ଧୀର ପରିଡ଼ାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିମନ୍ତେ ୮୪,୦୦୦, ହଂସୁରା ଗାଁ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଖୋସଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାସ୍ତା ନେଇ ୫୧,୦୦୦ ଟଙ୍କା ଜିଲାପାଳ ଅନୁମୋଦନ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସକାଳେ ଉନ୍ମୋଚନ ଅପରାହ୍ନରେ ଆବରଣ





ପୂର୍ବାହ୍ନରେ ବିଜେଡି କର୍ମୀମାନେ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି। ଅପରାହ୍ନରେ ପ୍ରଶାସନ ପକ୍ଷରୁ ମୂର୍ତ୍ତିକୁ ପେପର ଦ୍ୱାରା ଆବରଣ କରାଯାଉଛି।

ରଘୁନାଥପୁର,୨୯।୭(ଡି.ଏନ୍.ଏ.)

**ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ବିବାଦ ଘଟଣା**

ରଘୁନାଥପୁର ବ୍ଲକ ଛକରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ବସାଯିବା ବିବାଦ କ୍ରମଶଃ ଜଟିଳ ହେବାରେ ଲାଗିଛି। ଗୁରୁବାର ସକାଳେ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିବାବେଳେ ଅପରାହ୍ନରେ ଆବରଣ କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରୁ ସ୍ଥାନାନ୍ତର କରିବାକୁ ଭାଜପା ଓ କଂଗ୍ରେସ ପକ୍ଷରୁ ଦାବି କରାଯାଉଛି। ଏଭଳି ସମୟରେ ଗୁରୁବାର ପୂର୍ବାହ୍ନରେ ବିଜେଡିର ଦୁଇ ଗୋଷ୍ଠୀର କର୍ମୀମାନେ ଚତୁରତାର ସହ ପୃଥକ ଭାବେ ଫିତା କାଟି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି। ଏ ନେଇ କଂଗ୍ରେସ କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ନିକଟରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଅପରାହ୍ନରେ ତହସିଲଦାର ରୂପାଲିକା ଦାଶ, ବିଡିଓ ଜିତେନ୍ଦ୍ର କୁମାର ନାୟକ ଓ ଆଇଆଇସି ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉନ୍ମୋଚିତ ହୋଇଥିବା ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ ପୁନର୍ବାର ପେପର ଦ୍ୱାରା ଆବରଣ କରିଛନ୍ତି। ଜିଲା ପ୍ରଶାସନ ଓ ପୋଲିସ ଏହି ବିବାଦ ସମ୍ପର୍କରେ ପୂର୍ବରୁ ଜାଣିଥିବା ବେଳେ କିପରି ଉକ୍ତ ସ୍ଥାନରେ ପ୍ରତିମୂର୍ତ୍ତି ଉନ୍ମୋଚନ ହେଲା ସେନେଇ କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏ ନେଇ ସନ୍ଧ୍ୟାରେ କଂଗ୍ରେସ କର୍ମକର୍ତ୍ତା ସାଇ ପ୍ରଭଞ୍ଜନ ମହାପାତ୍ର ଓ ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ।

ବିଷ୍ଣୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗତ ରବିବାର ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ହେବାର ଥିଲା। ମନ୍ତ୍ରୀ ରଘୁନନ୍ଦନ ଦାସ, ପ୍ରତାପ ଜେନା, ସମୀର ଦାଶ, ତୁଷାରକାନ୍ତ ବେହେରା, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା। ମାତ୍ର କୋଭିଡ୍ କଟକଣା ପାଇଁ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ସ୍ଥଗିତ କରାଯିବା ପରେ ଆମନ୍ତ୍ରିତ ଅତିଥିମାନେ ଅଧାବାଟରୁ ଫେରି ଯାଇଥିଲେ। ଫଳରେ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇ ପାରି ନ ଥିଲା।

ତେବେ ଗୋପବନ୍ଧୁଙ୍କ ଭଳି ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନିକଟରୁ ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇ ଅନ୍ୟତ୍ର ସ୍ଥାପନ କରିବାକୁ ସାଧାରଣରେ ଦାବି ହୋଇଥିଲା। ଏହି ଘଟଣାରେ ଜିଲା ପ୍ରଶାସନ ଓ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଶୁକ୍ରବାରଠାରୁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ସ୍ଥିର କରାଯାଇଛି ବୋଲି କୃଷକ ନେତା ଦେବୀପ୍ରକାଶ ମହାରଣା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ, ନାବାଳକ ଅଟକ

ରସୁଲପୁର,୨୯।୭(ଡି.ଏନ.ଏ.): ଧର୍ମଶାଳା ଥାନା ତଥା ବ୍ରହ୍ମବରଦା ଫାଣ୍ଡି ଅନ୍ତର୍ଗତ ବ୍ରହ୍ମବରଦା ବଜାରର ଏକ ଗ୍ୟାରେଜ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁରୁବାର ମାରପିଟ ହୋଇଛି। ଏନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୩୧୭/୨୧) ରୁଜୁ କରିବା ସହ ଜଣେ ନାବାଳକଙ୍କୁ ଅଟକ ରଖିଛି। ଶୁକ୍ରବାର ତାଙ୍କୁ ଯାଜପୁରସ୍ଥିତ ଜୁଭେଲାଇନ କୋର୍ଟରେ ହାଜର କରାଯିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ.ଦାଶରଥୀ ପାତ୍ରୋ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ବ୍ରହ୍ମବରଦା ଅଞ୍ଚଳର ସୁଲତାନା ବିବିଙ୍କ ପୁଅ ସେକ୍ ହମିଦ ଆଲମ ଓ ସେକ୍ ମୁସଲିନା ବାଇକ୍ ସଜାଡିବାକୁ ଗ୍ୟାରେଜକୁ ଯାଇଥିଲେ। ସେଠାରେ ସମ୍ପୃକ୍ତ ନାବାଳକ ଛିଡ଼ା ହୋଇଥିଲେ। ଉପରୋକ୍ତ ୨ ଯୁବକ ସମ୍ପୃକ୍ତ ନାବାଳକଙ୍କୁ ଗ୍ୟାରେଜ ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ସେମାନଙ୍କ ମଧ୍ୟରେ ପୂର୍ବରୁ ଘଟିଥିବା ଗଣ୍ଡଗୋଳ ରାଗରୁ ଏଭଳି ଘଟିଥିଲା ବୋଲି ପୋଲସି ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘଟଣା ସମ୍ପର୍କରେ ସୁଲତାନା ବିବି ଫାଣ୍ଡିରେ ଅଭିଯୋଗ କରିଥିଲେ।

### 'ନିର୍ଯାତିତା ନାବାଳିକା ସରକାରୀ ସୁବିଧାରୁ ବଞ୍ଚିତ'

ଜଗତ୍‌ସିଂହପୁର ଅଫିସ୍,୨୯।୭: ଜଗତ୍‌ସିଂହପୁର ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଆବାସିକ ବିଦ୍ୟାଳୟରେ ନାବାଳିକା ଯୌନ ନିର୍ଯାତନା ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧମରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍ ଇତିଶ୍ରୀ ମାଳବିକା ଭୂୟାଁ ଯୋଗଦେଇ ପକ୍ସୋ ଆଇନ ଓ ପୋଲିସର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଆଇନ ସେବା ପ୍ରାଧିକାରଣ ସଚିବ ସୁନନ୍ଦା ପାଢୀ ଆବାସିକ ବିଦ୍ୟାଳୟରେ ଯୌନ ନିର୍ଯାତନାର ଶିକାର ହେଉଥିବା ବାଳିକାମାନଙ୍କ ଦୁରବସ୍ଥା ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ଜଗତ୍‌ସିଂହପୁର ଜିଲାରେ ଯୌନ ନିର୍ଯାତନାର ଶିକାର ହେଉଥିବା ନାବାଳିକା ଅଜ୍ଞାନତା ପାଇଁ ସରକାରଙ୍କ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଷ୍ଟ ଟ୍ରାକ୍ କୋର୍ଟ ଅତିରିକ୍ତ ଜିଲା ଜଜ୍ ଭି. ଜୟଶ୍ରୀ, ପରିବାର ଅଦାଲତ ବିଚାରପତି ଡ. ଜୀବନଜ୍ୟୋତି ରଥ, ଅତିରିକ୍ତ ଜଜ୍ ସବଜଜ୍ ଅଭୟ କୁମାର ଦାସ, ରେଜିଷ୍ଟ୍ରାର ସୁଦୀପା ପାତ୍ର, ମୁନସିଫ୍ ବିଷ୍ଣୁ ପ୍ରସାଦ ଦେବତା ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଚାଲିଛି ଭୂତ ପିଲାଙ୍କ ନାମଲେଖା

**ଗରିବ ପିଲାଙ୍କ ପାଇଁ ୨୫% ସଂରକ୍ଷଣ ବ୍ୟବସ୍ଥା ପ୍ରସଙ୍ଗ**
- ବିଧାନସଭା, ଆରଟିଆଇ ତଥ୍ୟ ଅମେଳ
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

ଯାଜପୁର ଅଫିସ,୨୯।୭

୨୦୧୫-୧୬ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ଯାଜପୁର ଜିଲାର ଘରୋଇ ସ୍କୁଲଗୁଡ଼ିକରେ ଶତକଡା ୨୫ ଭାଗ ସ୍ଥାନ ସଂରକ୍ଷଣ ପ୍ରତିପୂରଣ (ରିମ୍ବର୍ସମେଣ୍ଟ) ବାବଦ ଅର୍ଥ କୌଣସି ସ୍କୁଲ ପାଇ ନାହାନ୍ତି। ସୂଚନା ଅଧିକାର ଆଇନ(ଆରଟିଇ)ରେ ୨୫ ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଏବଂ ଅନଗ୍ରସର କ୍ଷେତ୍ରରେ ଯେଉଁ ପିଲା ନାମ ଲେଖାଇଛନ୍ତି ସେମାନଙ୍କ ନାମ ଓ ଠିକଣା ସମ୍ପର୍କିତ ତଥ୍ୟ ଯାଜପୁର ସମଗ୍ର ଶିକ୍ଷା ବିଭାଗ ଦ୍ୱାରା ହସ୍ତଗତ ହୋଇନାହିଁ। ଆରଟିଆଇରେ ହସ୍ତଗତ ତଥ୍ୟରେ ବିଭାଗ ପକ୍ଷରୁ ଏହା ଦର୍ଶାଯାଇଛି। ବିଧାୟକ ମୋହନ ଚରଣ ମାଝିଙ୍କ ଦ୍ୱାରା ବିଧାନସଭା ପ୍ରଶ୍ନର ଉତ୍ତର ଏବଂ ଏହି ଆରଟିଆଇ ତଥ୍ୟରେ କୌଣସି ତାଳମେଳ ରହୁନାହିଁ। ଏହିକ୍ରମରେ ୨୫ ପ୍ରତିଶତ ସଂରକ୍ଷଣ ଆଧାରରେ ବିଧାନସଭାର ତଥ୍ୟରେ ଦୁର୍ବଳ ଶ୍ରେଣୀର ଭୂତ ପିଲାଙ୍କ ନାମ ଲେଖା ଯାଇଛି ବୋଲି ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

୨୦୧୯-୨୦ ବର୍ଷରେ ୟୁଡିଆଇଏସ୍‌ଇ (ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନଫର୍ମେଶନ ସିଷ୍ଟମ ଫର ଏଜୁକେଶନ) ଅନୁସାରେ ଯାଜପୁର ଜିଲାର ୧୦୧ ଘରୋଇ ସ୍କୁଲରେ ୧୬୬୪ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଛି। ୧୭।୩।୨୦୨୧ରେ ବିଧାନସଭାର ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହି ତଥ୍ୟ ଉପସ୍ଥାପନା କରିଥିଲେ। ବିଧାନସଭାର ଏହି ତଥ୍ୟକୁ ଆଧାର କରି ସୂଚନା କର୍ମୀ ସଂଗ୍ରାମ ବାରିକ ଗତ ୧୫।୪।୨୦୨୧ରେ ଆରଟିଆଇରେ ସୂଚନା ପାଇବାକୁ ଯାଜପୁର ଜିଲା ସମଗ୍ର ଶିକ୍ଷା ବିଭାଗର ଦ୍ୱାରସ୍ଥ ହୋଇଥିଲେ। ତେବେ ନିର୍ଦ୍ଧାରିତ ସମୟରେ ତଥ୍ୟ ନ ମିଳିବାରୁ ସୂଚନା କର୍ମୀ ବାରିକ ଫାଷ୍ଟ ଅପିଲେଟ ଅଥରିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଗତ ୫।୭।୨୦୨୧ରେ ସମଗ୍ର ଶିକ୍ଷା ବିଭାଗର ଯୋଜନା ସଂଯୋଜକ ତଥ୍ୟ ପ୍ରଦାନ କରିବାକୁ ବାଧ ହୋଇଥିଲେ। ଅପିଲ କରିବା ପରେ ଯାଇ ଦାଖଲ କରିଥିବା ତଥ୍ୟରେ କୌଣସି ପିଲା ଶିକ୍ଷା ଅଧିକାର ଆଇନରେ ନାମ ଲେଖାଇ ନାହାନ୍ତି କିମ୍ବା ସେମାନଙ୍କ ପାଇଁ ଆର୍ଥିକ ବ୍ୟବସ୍ଥା ହୋଇ ନାହିଁ ବୋଲି ଦର୍ଶାଯାଇଛି। ଏଠାରେ ବଡ ବିଡମ୍ବନା ଯେ, ବିଧାନସଭା ଉତ୍ତର ନା ଯାଜପୁର ଜିଲା ସମଗ୍ର ଶିକ୍ଷା ବିଭାଗର ତଥ୍ୟ ଭୁଲ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପବିତ୍ର ବିଧାନସଭାରେ କେଉଁ ଉଦ୍ଦେଶ୍ୟ ରଖି ଏଭଳି ତଥ୍ୟ ଦାଖଲ କରାଯାଇଛି ତାହା ଏବେ ତଦନ୍ତସାପେକ୍ଷ। ଅନ୍ୟପକ୍ଷେ ଯାଜପୁର ସମଗ୍ର ଶିକ୍ଷା ବିଭାଗର ଆରଟିଆଇ ତଥ୍ୟ ଉପରେ ମଧ୍ୟ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। କାଗଜକଲମରେ ଭୂତ ପିଲାଙ୍କ ନାମ ଦର୍ଶାଇ ଆବଣ୍ଟିତ ଅର୍ଥକୁ ଚଳୁ କରିବାକୁ ମସୁଧା ରହିଥିଲା ବୋଲି ମଧ୍ୟ ସନ୍ଦେହ କରାଯାଉଛି।

ଶିକ୍ଷା ଅଧିକାର ଆଇନରେ ୨୫ ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଏବଂ ଅନଗ୍ରସର ପିଲାଙ୍କ ପାଇଁ ଘରୋଇ ସ୍କୁଲରେ ସିଟ୍ ସଂରକ୍ଷଣ ରଖିବା ବାଧ୍ୟତାମୂଳକ ବୋଲି ଗତ ୧୨ ଏପ୍ରିଲ ୨୦୧୨ରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ତେବେ ଆରଟିଆଇ ରିପୋର୍ଟ ଅନୁସାରେ ୨୦୨୦ ପର୍ଯ୍ୟନ୍ତ ଯାଜପୁର ଜିଲାର କୌଣସି ବେସରକାରୀ ସ୍କୁଲରେ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ପିଲାଙ୍କ ନାମ ଲେଖା ହୋଇ ନ ଥିବା ଘଟଣା ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବେ ଅବମାନନା କରାଯାଇଛି। ଫଳରେ ଶିକ୍ଷା ଅଧିକାର ଆଇନ ଏହି ଜିଲାରେ ପ୍ରହସନ ପାଲଟିଛି ବୋଲି ମତପ୍ରକାଶ ପାଇଛି । କେବଳ ବ୍ୟବସାୟକୁ ମାଧ୍ୟମ କରୁଥିବାରୁ ବେସରକାରୀ ସ୍କୁଲ କର୍ତ୍ତୃପକ୍ଷ ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରିବାରେ ଲାଗିଛନ୍ତି । ଶିକ୍ଷା ବିଭାଗ ପାଖରେ ମଧ୍ୟ ଏନେଇ କୌଣସି ତଥ୍ୟ ନାହିଁ ।

ଯାଜପୁର ଜିଲାର ୧୯୭୯ ଟି ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨,୨୪,୯୧୪ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ । ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ଥିବା ପରିବାର ସେମାନଙ୍କ ପିଲାମାନଙ୍କୁ ବେସରକାରୀ ଇଂଲିଶ ମିଡିୟମ ସ୍କୁଲରେ ପାଠ ପଢାଉଛନ୍ତି । କିନ୍ତୁ ଗରିବ ପିଲାମାନେ ଏହି ସୁବିଧାରୁ ବଞ୍ଚିତ ରହୁଛନ୍ତି । ଏହି ୨୫ ପ୍ରତିଶତ ପିଲାଙ୍କ ମଧ୍ୟରୁ ୧୫ ପ୍ରତିଶତ ଆଦିବାସୀ, ହରିଜନ, ଶିଶୁ ଶ୍ରମିକ, ଷ୍ଟ୍ରିଟ ଚାଇଲ୍ଡ, ଘର ନ ଥିବା ଆଦି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ରଖାଯାଇଛି । ଚଳିତ ବର୍ଷ ଯାଜପୁର ଜିଲାରେ ପ୍ରଥମ କରି ଆରଟିଇ ପାରଦର୍ଶୀ ଜରିଆରେ ଆବେଦନ ହୋଇଥିବା ଜଣାପଡିଛି।

# ଭିସା ଷ୍ଟିଲକୁ ଇସ୍ପାତ୍ ସୁରକ୍ଷା ପୁରସ୍କାର



ଭିସା ଷ୍ଟିଲ କାରଖାନା।

କଳିଙ୍ଗନଗର,୨୯।୭(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ଭିସା ଷ୍ଟିଲ କାରଖାନାକୁ ଇସ୍ପାତ୍ ସୁରକ୍ଷା ପୁରସ୍କାର ମିଳିଛି। ଷ୍ଟିଲ ଇଣ୍ଡଷ୍ଟ୍ରିଜର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ମିଳିତ କମିଟି ଏହି ଇସ୍ପାତ୍ ସୁରକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଏବଂ ୨୦୨୦ ରେ ଭିସା କାରଖାନା କର୍ତ୍ତୃପକ୍ଷଙ୍କ ଜିରୋ ଆକ୍ସିଡେଣ୍ଟ ଆହ୍ୱାନରେ ସାମିଲ ହୋଇ କାରଖାନାର ସମସ୍ତ କର୍ମଚାରୀ ତଥା ଠିକା ଶ୍ରମିକମାନେ ସୁରକ୍ଷା ନିୟମକୁ କଡାକଡି ଭାବେ ପାଳନ କରିଥିଲେ। ଫଳରେ କାରଖାନାରେ ଦୁର୍ଘଟଣା ଜନିତ ମୃତ୍ୟୁକୁ ଏଡାଇ ଦିଆଯାଇପାରିଥିଲା। କାରଖାନାର ଏହି ସଫଳତା ପାଇଁ ଉପରୋକ୍ତ କମିଟି ଭିସା କାରଖାନାକୁ କର୍ମଚାରୀ ତଥା ଠିକା ଶ୍ରମିକ ବର୍ଗ ପାଇଁ ଦୁଇଟି ଇସ୍ପାତ୍ ସୁରକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ସମସ୍ତ ଶ୍ରମିକ, କର୍ମଚାରୀବୃନ୍ଦ ଏବଂ ବରିଷ୍ଠ ଅଧିକାରୀ ଓ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେବା ସହିତ ସେମାନଙ୍କ କଠିନ ପରିଶ୍ରମ ପାଇଁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ପାଇଁ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

# କଟକଣାରେ ପାଳିତ ହେବ ସ୍ୱାଧୀନତା ଦିବସ

ଯାଜପୁର ଟାଉନ,୨୯।୭(ଡି.ଏନ.ଏ.)

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅଧ୍ୟକ୍ଷତାରେ ଗୁରୁବାର ୭୫ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କୋଭିଡ୍ ମାର୍ଗଦର୍ଶିକା ଆଧାରରେ ସ୍ୱାଧୀନତା ଦିବସ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯେ ହେତୁ କରୋନାର ପ୍ରଭାବ ଏବେବି ରହିଛି, ତେଣୁ ସରକାର ଧାର୍ଯ୍ୟ କରିଥିବା ନିୟମାବଳୀକୁ କଡାକଡି ପାଳନ ସହ କେବଳ ସ୍ୱଳ୍ପ ସଂଖ୍ୟକ କୋଭିଡ ଯୋଦ୍ଧାଙ୍କ ଉପସ୍ଥିତିରେ ଦିବସ ପାଳନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ସ୍ୱାଧୀନତା ଦିବସ ଯାଜପୁର ଜିଲା ସ୍କୁଲ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବ। ଅଗଷ୍ଟ ୧୫ ପ୍ରତ୍ୟୁଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ପୂର୍ବାହ୍ନ ୭ଟା୩୦ରେ ସମସ୍ତ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟା୫ରେ ଦିବସର ମୁଖ୍ୟଅତିଥି ଓ ଅନ୍ୟ ସ୍ୱଳ୍ପ ସଂଖ୍ୟକ ଅତିଥିଙ୍କ ଉପସ୍ଥିତିରେ ଗାନ୍ଧୀଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ପୂର୍ବାହ୍ନ ୯ଟା୧୫ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜିଲା ସ୍କୁଲ ପଡ଼ିଆଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପତାକା ଉତ୍ତୋଳନ ସମୟରେ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ପରିବେଷଣ କରାଯିବ। ପରେଡରେ କେବଳ ଆରକ୍ଷୀ ବାହିନୀ ଅଂଶଗ୍ରହଣ କରିବେ। ମୁଖ୍ୟଅତିଥିଙ୍କ ଅଭିଭାଷଣ ପରେ କାର୍ଯ୍ୟକ୍ରମର ପରିସମାପ୍ତି କରାଯିବ ବୋଲି ସ୍ଥିର ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ମିହିର ପ୍ରସାଦ ମହାନ୍ତି, ଏଡିଏମ୍‌ଓ ଡା. ଅନୁପ କୁମାର ନାଥଶର୍ମା, ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଙ୍ଗଯୋଷୀ, ପୋଲିସ ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାର୍ଣ୍ଡି, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ଲେଙ୍କା ଓ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷର ବିବରଣୀ ସମ୍ପର୍କରେ କହିଥିଲେ।

# ଦୂତୀଙ୍କୁ ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମୀର ଶୁଭେଚ୍ଛା




କ୍ରୀଡ଼ାବିତମାନେ ଦୂତୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ଧର୍ମଶାଳା,୨୯।୭(ଡି.ଏନ.ଏ.)

ଟୋକିଓ ଅଲମ୍ପିକ୍ସରେ ଚମକ ଦେଖାଇବେ ଦୌଡ଼ରାଣୀ ଦୂତୀ ଚାନ୍ଦ। ଶୁକ୍ରବାର ସେ ଟ୍ରାକ୍‌କୁ ଓହ୍ଲାଇବେ। ଏଣୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛି ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମୀ। ଗୁରୁବାର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଏକାଡେମୀର ସଦସ୍ୟ ଓ କ୍ରୀଡ଼ାବିତମାନେ ଏକାଠି ହୋଇ ଦୂତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ଦୂତୀ ରାଜ୍ୟ ତଥା ଦେଶ ପାଇଁ ଅନେକ ଗୌରବ ଆଣି ଦେଇଥିବା ବେଳେ ଟୋକିଓ ଅଲମ୍ପିକ୍ସରେ ସେ ନିଶ୍ଚିତ ପଦକ ହାସଲ କରିବେ ବୋଲି ସମସ୍ତେ ଆଶାବାଦୀ ଅଛନ୍ତି। ଏନେଇ ଏକାଡେମୀର ସଦସ୍ୟମାନେ ଦୀପ ଜାଳିବା ସହ ଭଗବାନଙ୍କ ନିକଟରେ ତାଙ୍କର ସଫଳତା ନେଇ ପ୍ରାର୍ଥନା କରିଛନ୍ତି। କାର୍ଯ୍ୟକ୍ରମରେ ଏକାଡେମୀ ସଭାପତି ଆଲୋକ କୁମାର କର, ସମ୍ପାଦକ ଅୟସକାନ୍ତ ସ୍ୱାଇଁ, ସଦସ୍ୟ ମନୋରଞ୍ଜନ ସାମଲ, ପ୍ରମୋଦ କୁମାର ସାମଲ, ରାକେଶ ଜେନା ଓ ସୁମନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଏବଂ ଯୁବକ ସାମିଲ ହୋଇଥିଲେ।

### ବାର୍‌ହା ମାଂସ ଜବତ, ୨ ଗିରଫ

କଳିଙ୍ଗନଗର,୨୯।୭(ଡି.ଏନ୍.ଏ.)

ମହାଗିରିପାହାଡ଼ ପାର୍ଶ୍ୱ ଜମପସି ଗାଁ ନିକଟରୁ ଟମକା ବନ ବିଭାଗ କର୍ମଚାରୀମାନେ ପ୍ରାୟ ୧୦ କେଜି ବାର୍‌ହା ମାଂସ ଗୁରୁବାର ଜବତ କରିଛନ୍ତି। ଏହି ଘଟଣାରେ ୨ ଜଣକୁ ଗିରଫ କରାଯାଇଛି। ଏହି ଗିରଫଦାରୀକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଅଧିକ ତଦନ୍ତ ଚାଲିଥିବାରୁ ଗିରଫ ବ୍ୟକ୍ତିଦ୍ୱୟଙ୍କ ନାମ ଟମକା ବନାଞ୍ଚଳ ଅଧିକାରୀ ପ୍ରକାଶ କରି ନାହାନ୍ତି। ବାରହା ମାଂସ ଚାଲାଣ ସମ୍ପର୍କରେ ସ୍ଥାନୀୟ ଲୋକେ ବନ ବିଭାଗକୁ ଅବଗତ କରିଥିଲେ। ବନାଞ୍ଚଳ ଅଧିକାରୀ ଓ କର୍ମଚାରୀ ଜାମପସି ଗାଁରୁ ବାରହା ମାଂସ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକ ଘର ଡୁବୁରୀ ଏବଂ ଅନ୍ୟ ଜଣଙ୍କ ଘର ମାନପୁରରେ ବୋଲି ସୂଚନା ମିଳିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଦୁର୍ନୀତି ଅଭିଯୋଗ

**ତଦନ୍ତ ନ ହେଲେ ଆମରଣ ଅନଶନ**

ବିଞ୍ଝାରପୁର,୨୯।୭(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାମରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି। ତେଣୁ ଏହାର ତଦନ୍ତ ପାଇଁ ବାରମ୍ବାର ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ୭ ଦିନ ମଧ୍ୟରେ ଏହାର ତଦନ୍ତ ନ ହେଲେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ରାଜସ୍ୱ ସଚିବ, ଦୁର୍ନୀତି ନିବାରଣ ବିଭାଗ ଓ ବିଡିଓଙ୍କୁ ଗ୍ରାମବାସୀ ଲିଖିତଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ସିଂହପୁର ଡିଏଭି ସ୍କୁଲର ଖେଳପଡ଼ିଆ, ସିଂହପୁର ହାଇସ୍କୁଲ ଖେଳପଡ଼ିଆ, ଖରସ୍ରୋତା ମହାବିଦ୍ୟାଳୟ ଖେଳପଡ଼ିଆ, ଖରସ୍ରୋତା ମହାବିଦ୍ୟାଳୟ ଲେଡିଜ ହଷ୍ଟେଲ ଓ ମହିଳା ହଷ୍ଟେଲ ପରିସରରେ ମାଟି ପକାଇବା ବାବଦ ଗୋଟିଏ କାମକୁ ୨ଟି ନାମରେ ବିଲ୍ କରାଯାଇଛି। ସେହିପରି ସିଂହପୁର ହରିଜନ ସାହିର ଖେଳପଡ଼ିଆ, ବ୍ରହ୍ମେଶ୍ୱର ମନ୍ଦିର ପଡ଼ିଆ, ସିଂହପୁର ପ୍ରାଥମିକ ବିଦ୍ୟାଳୟ ପରିସର ଓ କାକୁଡ଼ିପଡ଼ିଆରେ ମାଟି ପୂରଣ ନାଁରେ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରିଲୁଟ ହୋଇଛି। ଲକ୍‌ଡାଉନ ସମୟରେ ଜବକାର୍ଡଧାରୀଙ୍କୁ କାମ ଯୋଗାଇ ଦେବାକୁ ସରକାର ଘୋଷଣା କରିଥିବା ବେଳେ କେତେଜଣ ଅସାଧୁ ଜନପ୍ରତିନିଧି, ପିଇଓ, କନିଷ୍ଠ ଯନ୍ତ୍ରୀ, ଜିଆରଏସ୍ ଓ ଗାଁ ସାଥୀ ୨୦୧୯/୨୦, ୨୦/୨୧, ଓ ୨୧/୨୨ ଆର୍ଥିକ ବର୍ଷରେ ବିନା ଶ୍ରମିକରେ ମେଶିନ ଦ୍ୱାରା ରଠ କାମକରି ବିଲ୍ ହାତେଇଛନ୍ତି। ଭୂତଶ୍ରମିକ ଓ ମଷ୍ଟରରୋଲରେ ଜାଲ୍ ଦସ୍ତଖତକରି ଶ୍ରମିକଙ୍କୁ ମଜୁରି ଦିଆଯାଇଥିବା କାଗଜପତ୍ରରେ ଦର୍ଶାଯାଇଛି।

ତେବେ କାକୁଡିପଡିଆରେ ଷ୍ଟାଡିୟମ ନିର୍ମାଣ ପାଇଁ ଅନୁମତି ନ ଥାଇ କାମକରି ଲୋକହସା ହେଲାଭଳି ସିଂହପୁରରେ ଡିଏଭି ସ୍କୁଲ ନ ଥାଇ ସେଠାରେ କାମ ହୋଇଥିବା ଦର୍ଶାଇବା ଅତ୍ୟନ୍ତ ହାସ୍ୟାସ୍ପଦ ବିଷୟ। ସେହିପରି ଛାତ୍ରୀ ନିବାସ ନାଁରେ ଏହାକୁ ପୃଥକ ଭାବେ ଦୁଇଟି ପ୍ରକଳ୍ପ ଦର୍ଶାଇ ବିଲ୍ କରିବାକୁ ଅସାଧୁ ମେଣ୍ଟ ପଛାଇ ନାହାନ୍ତି। ତେଣୁ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ ରାଜନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ପଞ୍ଚାୟତ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ପ୍ରାକ୍ତନ ସରପଞ୍ଚ ନିରଞ୍ଜନ ସାମଲ, ବରିଷ୍ଠ କୃଷକ ଦେବେନ୍ଦ୍ର ସାମଲ ପ୍ରମୁଖ ଚେତବାନୀ ଦେଇଛନ୍ତି। ଏହି ଅନିୟମିତତା ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଜଗତ୍‌ସିଂହପୁର ଅଫିସ, ୨୯।୭

ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ଡିଇଆଇସିର ମିଳିତ ଆନୁକୂଲ୍ୟରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଜନ୍ମରୁ ୧୮ ବର୍ଷ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ଯେଉଁ ଶିଶୁଙ୍କ ଉନ୍ନତ ଚିକିତ୍ସା ଆବଶ୍ୟକ ସେମାନଙ୍କୁ ଜିଲା ଓ ବାହାର ଚିକିତ୍ସାଳୟକୁ ପଠାଇବା ପାଇଁ ପଦକ୍ଷେପ ନିଆଯାଇଥିଲା। କାର୍ଯ୍ୟକ୍ରମରେ ଡିଇଆଇସି ତରଫରୁ ଆର୍‌ବିଏସ୍‌କେ ପରିଚାଳକ ସୋନିଆ ବୋଷ, ଡା. ଜୀବନଜ୍ୟୋତି ସାହୁ, ରାଜେନ୍ଦ୍ର ପ୍ରସାଦ ସାହୁ, ମିନତି ନାୟକ, ବିଜୟାଲକ୍ଷ୍ମୀ ସ୍ୱାଇଁ ଓ ମଧୁସ୍ମିତା ଗୁଇଁ ପ୍ରମୁଖ ଯୋଗଦେଇଥିଲେ। ବାଲିକୁଦା ବ୍ଲକରେ ଥିବା ମୋବାଇଲ ହେଲ୍‌ଥ ଟିମ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମକର୍ତ୍ତା ଓ ଗୋଷ୍ଠୀ ସମ୍ବଳ ଶିକ୍ଷକ ପ୍ରମୁଖ ସହଯୋଗ କରିଥିଲେ।

### କାଳିଆପାଣି ହାଇସ୍କୁଲ ପକ୍ଷରୁ ଚାରାରୋପଣ

କାଳିଆପାଣି,୨୯।୭(ଡି.ଏନ.ଏ.)

କାଳିଆପାଣି ହାଇସ୍କୁଲ ପକ୍ଷରୁ ବୁଧବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ୍ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଖଣି ନିଗମର ଆଞ୍ଚଳିକ ପରିଚାଳକ ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଖଣି ନିଗମ ଦକ୍ଷିଣ କାଳିଆପାଣିର ଡିଜିଏମ କାଠି ପ୍ରଧାନ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଖଣି ପରିଚାଳକ ମାୟାଧର ପାତ୍ର, ନିର୍ମାଣ ବିଭାଗ ପରିଚାଳକ ଅଭିମନ୍ୟୁ ପାତ୍ର, ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ମଧୁସ୍ମିତା ଦାଶ, ଆଶୁତୋଷ ବେହେରା ଓ ପ୍ରମୋଦ ସେଠୀ ପ୍ରମୁଖ ବରିଷ୍ଠ ଅଧିକାରୀ ଅତିଥିଭବେ ଯୋଗଦେଇ ଫୁଲ, ଫଳ ଚାରାରୋପଣ କରିଥିଲେ। ସ୍କୁଲ ପକ୍ଷରୁ ସୁକାନ୍ତ ଦାଶ, ଯୁଧିଷ୍ଠିର ସାହୁ, ଶୁଭେନ୍ଦୁ ମହାନ୍ତ, ବାଣିଶ୍ରୀ ଜେନା, ଦେବଶ୍ରୀତା ଲେଙ୍କା, ସୋନାଲୀ ମୁଦୁଲି ଓ ଅନୁରାଧା ମିଶ୍ର ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

ଚଣ୍ଡିଖୋଲ,୨୯।୭(ଡି.ଏନ.ଏ.)



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପୁରୀରେ ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ଆକ୍ରମଣ ଓ କେନ୍ଦ୍ରାପଡ଼ାରେ ଘଟିଥିବା ସମାନ ଘଟଣାକୁ ବଡ଼ଚଣା ପ୍ରେସ୍ ଫୋରମ ପକ୍ଷରୁ ନିନ୍ଦା କରାଯାଇଛି। ଗଣମାଧ୍ୟମ ପ୍ରତି ଚରମ ବିପଦ ସୃଷ୍ଟି ହୋଇଛି ବୋଲି ଅନୁଭବ କରି ସାମ୍ବାଦିକ ସୁରକ୍ଷା ଆଇନ ରାଜ୍ୟ ସରକାର ପ୍ରଣୟନ କରିବାକୁ ପ୍ରେସ୍ ଫୋରମ ପକ୍ଷରୁ ଦାବି ହୋଇଛି। ଚଣ୍ଡିଖୋଲ ଛକ ବୁଦ୍ଧ ମୂର୍ତ୍ତିଠାରେ ଖବରଦାତାମାନେ ଏକତ୍ରିତ ହୋଇ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପୂଜାର୍ଚ୍ଚନା ଓ ଦୀପ ଦାନ କରିବା ପରେ ବରିଷ୍ଠ ଆବାହକ ପ୍ରଦୀପ୍ତ ପୃଷ୍ଟିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଉପଦେଷ୍ଟା ମହେଶ୍ୱର ବଳ, ଭକ୍ତ ଚରଣ ସାହୁ, ପ୍ରମୋଦ ଜେନା ଓ ମନମୋହନ ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରେ କର୍ମକର୍ତ୍ତା ସେଠାରୁ ବାଇକ ରାଲିରେ ବଡ଼ଚଣା ଦେଇ ଧାନମଣ୍ଡଳସ୍ଥିତ ଦର୍ପଣ ତହସିଲକୁ ଯାଇଥିଲେ। ସେଠାରେ ମଧ୍ୟ ଅନୁରୂପ ଏକ ସଭା ହୋଇଥିଲା। ସଭାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ଏକ ଦାବିପତ୍ରକୁ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ କେଶରୀ ରାଉତରାୟ, କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା, ଅଜୟ କୁମାର ଦାଶ, ପବିତ୍ର ସାମଲ, ସୌମ୍ୟ ରଞ୍ଜନ ସାହୁ, ଉତ୍କଳ ପ୍ରସନ୍ନ ପ୍ରଧାନ, ମିହିର କୁମାର ରାୟ, ସତ୍ୟାନନ୍ଦ ମଲ୍ଲିକ, ଏକାଦଶୀ ସେଠୀ, ପ୍ରକାଶ କୁମାର ସିଂହ, ଚନ୍ଦ୍ର ଶେଖର ପୃଷ୍ଟି ପ୍ରମୁଖ ୫୬ ଜଣ ଖବରଦାତା ସାମିଲ ହୋଇଥିଲେ।

### ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ, ୬ ଗାଡ଼ି ଜବତ

ଧର୍ମଶାଳା,୨୯।୭(ଡି.ଏନ.ଏ.)

ଧର୍ମଶାଳା ତହସିଲ ପ୍ରଶାସନ ପକ୍ଷରୁ ଗୁରୁବାର ଆରୁହା, ବରଡ଼ା ଓ ଚଢ଼େଇଧରା ଛକରେ ଚଢ଼ାଉ କରାଯାଇ ୬ଟି ଗାଡ଼ି ଜବତ କରାଯାଇଛି। ଏହି ଗାଡ଼ିଗୁଡ଼ିକ ବେଆଇନ ଭାବେ କଳାପଥର ବୋଝେଇ କରି ଯାଉଥିଲା। ଜବତ ଗାଡ଼ିଗୁଡ଼ିକ ମଧ୍ୟରେ ୩ ଟିପ୍ପର ଓ ୩ ହାଇୱା ରହିଛି। ଚଢ଼ାଉରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ, ରାଜସ୍ୱ ସୁପରଭାଇଜର ନୀଳମଣି ବିଶ୍ୱାଳ, ରାଜସ୍ୱ ନିରୀକ୍ଷକ ସୁନୀଲ ନାୟକ, ସୁଶାନ୍ତ ସ୍ୱାଇଁ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ନିର୍ମଳ ପଣ୍ଡାଙ୍କ ସମେତ ଧର୍ମଶାଳା ପୋଲିସ ସାମିଲ ଥିଲା। ଜବତ ଗାଡ଼ିଗୁଡ଼ିକୁ ଚଣ୍ଡିଖୋଲ ଫାଣ୍ଡିରେ ଜିମା ଦିଆଯାଇଛି।

# ଛତୁ ଚାଷ ନିମନ୍ତେ ମହିଳାଙ୍କୁ ତାଲିମ

ବିରିଡି, ୨୯।୭ (ଡି.ଏନ.ଏ)




ତାଲିମ ଶିବିରରେ ଯୋଗ ଦେଇଥିବା ମହିଳା ଓ ଅନ୍ୟମାନେ।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ଜଗତସିଂହପୁର ପକ୍ଷରୁ ଗୁରୁବାର ବିରିଡି କୃଷି ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳାମାନଙ୍କୁ ଧିଙ୍ଗିରି ଓ ପାଳଛତୁ ଚାଷ ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଏଥିରେ ବିରିଡି ବ୍ଲକ କୃଷି ଅଧିକାରୀ ଅବନି ଭୂଷଣ ମିଶ୍ର, ସହକାରୀ କୃଷି ଅଧିକାରୀ ପ୍ରଦୀପ କୁମାର ବେଉରା ଓ ଏଏଚଓ ବିନୋଦିନୀ ମହାଳି ଯୋଗଦେଇଥିଲେ। ଶିବିରରେ ବ୍ଲକର ୩୦ ଜଣ ମହିଳାଙ୍କୁ ଧିଙ୍ଗିରି ଓ ପାଳ ଛତୁ ଚାଷ ପ୍ରଣାଳୀ ଓ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ଉପରେ ସୂଚନା ଦିଆଯାଇଥିଲା। ପରେ ମହିଳାମାନଙ୍କୁ ମାଗଣା ଛତୁ ମଞ୍ଜି ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ଦାଦାବଟି ଅଭିଯୋଗରେ ୨ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୨୯।୭: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲାଞ୍ଜିପଲ୍ଲୀ ଗୌଡ଼ ସାହିର ମନୋଜ ପାଣିଗ୍ରାହୀ ଓ ଚାଣକ୍ୟନଗରର ଜୀବନ ରଥ। ସେମାନଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ମାମଲା ନମ୍ବର ୧୯୭/୨୧ରେ ଉଭୟ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଲାଞ୍ଜିପଲ୍ଲୀରେ ମନୋଜ କୁମାର ନାୟକଙ୍କର ଏକ ହୋଟେଲ ଅଛି। ବୁଧବାର ଜୀବନ ଓ ତାଙ୍କ ସହଯୋଗୀ ମନୋଜ ଉକ୍ତ ହୋଟେଲରେ ପହଞ୍ଚି ମାଲିକଙ୍କୁ ଦାଦାବଟି ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରି ଦେଇଥିଲେ। ପରେ ଦୋକାନ ଭିତରେ ପଶି ମାଲିକଙ୍କୁ ମାଡ ମାରିବା ସହ କ୍ୟାଶ କାଉଣ୍ଟରରେ ଥିବା ୨ ହଜାର ଟଙ୍କା ଲୁଟି ନେଇଥିଲେ।

### ସାପ କାମୁଡ଼ାରେ ବର୍ଷକୁ ମରୁଛନ୍ତି ୫୦

ବ୍ରହ୍ମପୁର ଅଫିସ,୨୯।୭: ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ ହେଉଛି ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫରାଲ୍ ହସ୍ପିଟାଲ୍। ପ୍ରତିବର୍ଷ ଏଠାରେ ପ୍ରାୟ ୪୫/୫୦ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟୁଥିବା ସୂଚନା ମିଳିଛି। ସେହିପରି ପ୍ରତିବର୍ଷ ଏମ୍‌କେସିଜି ମେଡିକାଲକୁ ପ୍ରାୟ ୩ଶହରୁ ସାଢ଼େ ୩ଶହ ରୋଗୀ ସାପ କାମୁଡ଼ାରେ ଗୁରୁତର ହୋଇ ଚିକିତ୍ସା ପାଇଁ ଆସୁଥିବା ଜଣାପଡ଼ିଛି। ବର୍ତ୍ତମାନ ଏମ୍‌କେସିଜି ମେଡିକାଲରେ ୪ ହଜାରରୁ ଅଧିକ ଇଞ୍ଜେକଶନ ମହଜୁଦ ଥିବା ଡ୍ରଗ୍ ହାଉସ୍ ସୂତ୍ରରୁ ପ୍ରକାଶ। ସାପ ବିଷ ପ୍ରଭାବ ଅନୁସାରେ କେଉଁ ରୋଗୀଙ୍କୁ ୧୦, କାହାକୁ ୧୫ ଇଞ୍ଜେକ୍ସନ ମଧ ଦିଆଯାଇଥାଏ ବୋଲି ଏମ୍‌କେସିଜି ମେଡିକାଲର ସହକାରୀ ଅଧୀକ୍ଷକ ଡା. କିରଣ ପଟ୍ଟନାୟକ କହିଛନ୍ତି। ଅଧିକ ବିଷାକ୍ତ ସାପ କାମୁଡ଼ିଲେ କିମ୍ବା ତୁରନ୍ତ ଚିକିତ୍ସା ସୁବିଧା ନ ମିଳିଲେ ରୋଗୀଙ୍କ ମୃତ୍ୟୁ ଘଟିବାର ଆଶଙ୍କା ରହିଛି।

### ଗଞ୍ଜେଇ ଭର୍ତ୍ତି ଅଟୋ ଜବତ, ଚାଳକ ଫେରାର

ଆର.ଉଦୟଗିରି,୨୯।୭(ଡି.ଏନ.ଏ.): ଗଜପତି ଜିଲା ଅଡବା ପୋଲିସ ବୁଧବାର ରାଇପଙ୍କା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଅଟୋ (ନଂ ଏପି୩୫ଏକ୍ସ୧୫୦୭) ସହ ୬୬ କେଜି ୭୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଗଜପତି-ରାୟଗଡ଼ା ସୀମାନ୍ତରେ ଅଟୋଟି ଦ୍ରୁତ ଗତିରେ ପଦ୍ମପୁର ଆଡକୁ ଯାଉଥିଲା। ପୋଲିସ ପିଛା କରିବାରୁ ଡ୍ରାଇଭର ଅଟୋରୁ ଡେଇଁ ଫେରାର ହୋଇଯାଇଥିଲେ। ଦୁଇଟି ଜରି ବ୍ୟାଗରୁ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଗଞ୍ଜେଇ ରାଇପଙ୍କା ଅଞ୍ଚଳରୁ ରାୟଗଡ଼ା ଜିଲା କେନ୍ଦୁଗୁଡା ଫାଣ୍ଡି ଅନ୍ତର୍ଗତ ନୂଆଗଡ଼କୁ ଚୋରା ଚାଲାଣ ହେଉଥିବା ପୋଲିସ କହିଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଜୁଲାଇ ସୁଦ୍ଧା ହୋଇନି ଆଶାନୁରୂପ ବର୍ଷା

## ଧାନ ରୁଆ ବାଧାପ୍ରାପ୍ତ, ଜଳାଶୟ ଉପରେ ନିର୍ଭର ଚାଷୀ

ବ୍ରହ୍ମପୁର ଅଫିସ୍,୨୯।୭

ଚଳିତ ବର୍ଷ ଗଞ୍ଜାମ ଜିଲାରେ ଆଶାନୁରୂପ ବର୍ଷା ହୋଇପାରି ନାହିଁ। ଫଳରେ ଜିଲାରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଠିକ୍ ପରିମାଣର ବର୍ଷା ନ ହେବାରୁ ତଳି ପକାଠାରୁ ଆରମ୍ଭ କରି ରୁଆ କାର୍ଯ୍ୟରେ ମଧ୍ୟ ବିଳମ୍ବ ଦେଖାଦେଇଛି। ଏପରିକି ଅନେକ ଚାଷୀ ନିକଟସ୍ଥ ଜଳାଶୟ ଉପରେ ନିର୍ଭର କରି ଡେରିରେ ଚାଷ କାମ କରୁଛନ୍ତି। ଅନ୍ୟପଟେ ଜଳାଭାବରୁ ତଳି ପୋଡ଼ିଯିବା ସାଙ୍ଗକୁ ରୁଆ ମଧ ବନ୍ଦ ହୋଇଯାଇଛି। ବ୍ରହ୍ମପୁର ଉପକଣ୍ଠ ପଲିଗୁମୁଳାର ଜଣେ ଚାଷୀ ଜଡ଼ା ଗୌଡ଼ଙ୍କ କହିଛନ୍ତି, ଜୁଲାଇ ଶେଷ ବେଳକୁ ଚାଷ ଜମିରେ ରୁଆ କାର୍ଯ୍ୟ ସରିଯିବା କଥା। କିନ୍ତୁ ବର୍ଷା ଅଭାବରୁ ଏଥିରେ ବିଳମ୍ବ ସାଙ୍ଗକୁ ତଳି ମଧ ପୋଡ଼ି ଯାଇଛି। କେନାଲରେ ମଧ ପାଣି ନାହିଁ। କେବଳ ଜମି ନିକଟରେ ଥିବା ପୋଖରୀରୁ ପାଣିକୁ ମଡ଼ାଇ ରୁଆ କାର୍ଯ୍ୟ ଚାଲିଛି। ତାହା ବି ସମୁଦ୍ରକୁ ଶଙ୍ଖେ ସଦୃଶ।


ଜମିରେ ତଳି ଉପୁଡ଼ା ଓ ରୁଆ କାର୍ଯ୍ୟ ଚାଲିଛି।

ବର୍ତ୍ତମାନ ଲଗାଣ ବର୍ଷାର ଆବଶ୍ୟକତା ରହିଛି। ନଚେତ୍ ଠିକ୍ ସମୟରେ ଧାନ ଅମଳ ହୋଇପାରିବ ନାହିଁ। ଚାଷ ଜମିରେ ଜଳାଭାବରୁ ଜିଲାରେ ବର୍ତ୍ତମାନ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଏ ନେଇ ଜିଲା କୃଷି ଅଧିକାରୀ ଦୁର୍ଯ୍ୟୋଧନ ପତଙ୍ଗଙ୍କଠାରୁ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ, ଜୁଲାଇ ଶେଷ ସୁଦ୍ଧା ୨୨୦.୮ ଏମ୍‌ଏମ୍ ବର୍ଷାର ଲକ୍ଷ୍ୟ ରଖାଯାଇଥିଲା। ଗତ ମଙ୍ଗଳବାର ସୁଦ୍ଧା ୨୧୨.୭୭ ଏମ୍‌ଏମ୍ ବର୍ଷା ହୋଇଛି। ବର୍ତ୍ତମାନ ଆହୁରି ଅଧିକ ବର୍ଷାର ଆବଶ୍ୟକତା ରହିଛି। ଫଳରେ ରୁଆ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ଏବଂ ଚାଷୀକୁଳ ମଧ ଆଶ୍ୱସ୍ତି ଲାଭ କରିବେ। ଅନ୍ୟପଟେ ବର୍ଷା ପରିମାଣ ହ୍ରାସକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ୭ ଜଳସେଚନ ପ୍ରକଳ୍ପରୁ ଗତ ୧୫ ତାରିଖଠାରୁ ପାଣି ଛଡ଼ାଯାଇଛି। ଏଥିମଧ୍ୟରେ ଋଷିକୁଲ୍ୟା ଡ୍ୟାମ୍, ଜାନିବିଲି, ଭଞ୍ଜନଗର ଡ୍ୟାମ୍, ସୋରଡ଼ା ଡ୍ୟାମ୍, ଗାଲେରୀ କେନାଲ(ସୋରିଷମୂଳି ବ୍ୟାରେଜ୍), ବଡ଼ନଦୀ କେନାଲ, ଗିରିସୋଲା କେନାଲ (ମାଧବରିଡ଼ା ଆନିକଟ) ରହିଛି। ଯାହାକି ଜିଲାରେ ଚାଷୀଙ୍କୁ ଚାଷ କ୍ଷେତ୍ରରେ ସହାୟକ ହୋଇପାରିବ।

ସୂଚନାଯୋଗ୍ୟ, ଜିଲାରେ ୩ ଲକ୍ଷ ୨ ହଜାର ୪୨୬ ହେକ୍ଟର ଜଳସେଚିତ ଓ ୧ ଲକ୍ଷ ୬ ହଜାର ୩୯୧ ହେକ୍ଟର ଅଣଜଳସେଚିତ ଜମି ରହିଥିବା ଜଣାପଡ଼ିଛି। ଚଳିତ ବର୍ଷ ୧ ଲକ୍ଷ ୯୯ ହଜାର ହେକ୍ଟର ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨ ଲକ୍ଷ ୮୧୭ ହେକ୍ଟର ଅଣଧାନ ଚାଷ ହୋଇଛି। ଗତ ବର୍ଷ ଜିଲାରେ ୨ ଲକ୍ଷ ୮ ହଜାର ହେକ୍ଟରରେ ଚାଷ ଲକ୍ଷ୍ୟ ରଖାଯାଇଥିଲା। ଏଥିମଧ୍ୟରୁ ୧୯୯ ଲକ୍ଷ ହେକ୍ଟରରେ ଚାଷ ହୋଇଥିଲା। ଏଥିସହ ଚଳିତ ବର୍ଷ ଜିଲାରେ ଚାଷୀଙ୍କୁ ୪୫ ହଜାର ୧୧୮ କୁଇଣ୍ଟାଲ ବିହନ ୫୦୧ଟି କେନ୍ଦ୍ରରେ ପ୍ରଦାନ କରାଯାଇଛି। ବର୍ତ୍ତମାନ ଆହୁରି ୧୧ ହଜାର କୁଇଣ୍ଟାଲ ବିହନ ଗଚ୍ଛିତ ରହିଛି। ଏଥିସହ ଜୁଲାଇ ସୁଦ୍ଧା ୨୩ ହଜାର ୨୩୫ ମେଟ୍ରିକ୍ ଟନ୍ ସାର ଗଚ୍ଛିତ ଅଛି । ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ୭ ହଜାର ମେଟ୍ରିକ୍ ଟନ୍ ସାର ବଣ୍ଟନ ହୋଇଛି। ଜିଲାରେ ୫୯ ହଜାର ମେଟ୍ରିକ୍ ଟନ୍ ସାର ଖର୍ଚ୍ଚ ହେବ। ଆଗାମୀ ୨ ମାସ ସୁଦ୍ଧା ୩୦ ହଜାର ମେଟ୍ରିକ୍ ଟନ୍ ବିଭିନ୍ନ କିସମର ସାର ଆସିବ। ଯାହାକି ଜିଲାରେ ଚାଷୀଙ୍କୁ ସାର ବଣ୍ଟନ କ୍ଷେତ୍ରରେ କୌଣସି ଅଭାବ ରହିବ ନାହିଁ ବୋଲି ଜିଲା କୃଷି ଅଧିକାରୀ ସୂଚନା ଦେଇଛନ୍ତି।

## ପୃଥକ୍ ରେଳଧାରଣାରୁ ୨ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୨୯।୭

ସରକାରୀ ରେଳବାଇ ପୋଲିସ (ଜିଆରପି) ଗୁରୁବାର ପୃଥକ୍ ରେଳଧାରଣାରୁ ୨ ଜଣଙ୍କ ମୃତଦେହ ଜବତ କରିଛି। ଜଣକ ପରିଚୟ ମିଳିଥିବା ବେଳେ ଅନ୍ୟ ଜଣଙ୍କର ପରିଚୟ ମିଳି ପାରିନଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ ଟାରେ ଗଞ୍ଜାମ ଓ ଛତ୍ରପୁର ରେଳଧାରଣାରେ ଟ୍ରେନ ଧକ୍କାରେ ଜଣେ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ ପୋଲିସ ଖବର ପାଇଥିଲା। ଗୁରୁବାର ସକାଳେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୨ ବର୍ଷ ହେବ ବୋଲି କହିଛି। ଏନେଇ ନଂ.୪୧/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସେହିପରି ଗୁରୁବାର ଅପରାହ୍ନରେ ଲାଞ୍ଜିପଲ୍ଲୀ ରେଳଧାରଣା କଡ଼ରୁ ପୋଲିସ ଏକ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତି ଜଣଙ୍କ ଉଲା ସେଠୀ (୫୪) ଓ ତାଙ୍କ ଘର ଟାଙ୍ଗଡାପଡ଼ିଆ ସାହି। ସେ ରେଳଧାରଣା ପାର ହେଉଥିବା ବେଳେ ଏକ ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି। ଖବର ପାଇ ପୁଅ ରାଧାମୋହନ ଘଟଣାସ୍ଥଳରେ ପହଞ୍ଚି ବାପାଙ୍କ ମୃତଦେହ ଚିହ୍ନଟ କରିଛନ୍ତି। ପୋଲିସ ନଂ.୪୨/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା କହିଛି।

# କୃତ୍ରିମ ଘାସରେ ୨ ବାଘ ପ୍ରତିମୂର୍ତ୍ତି


ଅତିଥିଙ୍କ ଦ୍ୱାରା ବାଘ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରାଯାଉଛି।

## ବାଘ ସଂରକ୍ଷଣ ନେଇ ଆଇଟିଆଇର ସଚେତନତା

ବ୍ରହ୍ମପୁର ଅଫିସ୍,୨୯।୭

ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ବ୍ରହ୍ମପୁର ଆଇଟିଆଇର ଛାତ୍ରୀଛାତ୍ରମାନେ ଏକ ଅଭିନବ ଉପାୟରେ ଜନ ସମାଜକୁ ସଚେତନତାର ବାର୍ତ୍ତା ଦେଇଛନ୍ତି। ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ଲୁହା ସ୍କ୍ରାପ ଓ କୃତ୍ରିମ ଘାସରେ ୨ଟି ବାଘ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଏହାକୁ ଗୁରୁବାର ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଜିଲା ବନଖଣ୍ଡ ଅଧିକାରୀ (ଡ଼ିଏଫ୍‌ଓ) ଅମ୍ଳାନ୍ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ଦକ୍ଷତା ଭିତ୍ତିକ କାରୁକାର୍ଯ୍ୟ ଏକ ଗୌରବ ବିଷୟ ବୋଲି ବିଧାୟକ କହିଥିଲେ। ଏଭଳି କାରୁକାର୍ଯ୍ୟ ବାଘ ସଂରକ୍ଷଣ ନେଇ ଏକ ସଚେତନତାର ବାର୍ତ୍ତା ସୃଷ୍ଟି କରିବ ବୋଲି ଡ଼ିଏଫ୍‌ଓ କହିଥିଲେ। କୃତ୍ରିମ ଘାସରେ ତିଆରି ହୋଇଥିବା ବାଘ ପ୍ରତିମୂର୍ତ୍ତିକୁ ଶିକ୍ଷାନୁଷ୍ଠାନର ଗ୍ରାସ୍ ଆର୍ଟ ପାର୍କରେ ସ୍ଥାନୀତ କରାଯାଇଛି। ଏହାକୁ ନିର୍ମାଣ କରିବା ପାଇଁ ୪୦୦ କେଜି ସ୍କ୍ରାପ୍ ବ୍ୟବହୃତ ହୋଇଥିବା ବେଳେ ୨୦ ଦିନ ସମୟ ଲାଗିଥିବା ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସମଗ୍ର ଦେଶରେ ବ୍ୟାଘ୍ର ସଂରକ୍ଷଣ ନିମନ୍ତେ ଛାତ୍ରୀଛାତ୍ରଙ୍କ ଏଭଳି ପ୍ରୟାସକୁ ଅଧକ୍ଷ ପ୍ରଶଂସା କରିଛନ୍ତି।

## ଭାନୁପ୍ରଭା ହେଲେ ଜି.ଉଦୟଗିରି ନଗର ବିଜେଡି ମହିଳା ସଭାନେତ୍ରୀ

### ବିଜୁ ଜନତା ଦଳ ମହିଳା ଟିମ୍ ନାମ ଘୋଷଣା

ଜି.ଉଦୟଗିରି,୨୯।୭(ଡି.ଏନ.ଏ.)

କନ୍ଧମାଳ ଜିଲା ବିଜେଡି ମହିଳା କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା ସହିତ ସମସ୍ତ ବ୍ଲକ ଏବଂ ଏନ୍‌ଏସି ସଭାପତିଙ୍କ ନାମ ମଧ ପ୍ରକାଶିତ ହୋଇଛି। ଏହି କ୍ରମରେ ଜି.ଉଦୟଗିରି ଏନ୍‌ଏସି ମହିଳା ବିଜେଡି ସଭାନେତ୍ରୀ ଭାବେ ଭାନୁପ୍ରଭା ମିଶ୍ରଙ୍କ ନାମ ଘୋଷଣା କରାଯାଇଛି। ମିଶ୍ର ପୂର୍ବରୁ ଏନ୍‌ଏସି ଉପାଧକ୍ଷା ରହିଥିବା ବେଳେ ବହୁବାର କାଉନସିଲର ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏହି ଦାୟିତ୍ୱ ମଧ ଆନ୍ତରିକତା ସହିତ ନିଃସ୍ୱାର୍ଥପର ଭାବେ ମହିଳା ସଶକ୍ତୀକରଣ ଦିଗରେ କାମ କରିବା ସହିତ ଏନ୍‌ଏସିର ବିକାଶ କରିବା ଲକ୍ଷ୍ୟ ହେବ ବୋଲି ସେ କହିଛନ୍ତି। ନାମ ଘୋଷଣା ପରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ନଗର ସଭାପତି ଗୋପାଳ କୃଷ୍ଣ ମହାପାତ୍ର, ଜିଲା ସମ୍ପାଦକ କାଳୁ ଚରଣ ପଣ୍ଡା, ବିଧାୟକ ପ୍ରତିନିଧି ରାଜା ପାତ୍ର, ପୂର୍ବତନ କାଉନସିଲ ସମୀର କୁମାର ପାଢ଼ୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଭାନୁପ୍ରଭା ମିଶ୍ର

# ଜିଲା ଶବର ସମାଜ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

## ବନବାସୀ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର ଅଫିସ୍,୨୯।୭

ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେବା ପରେ ବନବାସୀ କ୍ଷେତ୍ରରେ ହେଉଥିବା ହତ୍ୟା, ହିଂସା ଭଳି ଅମାନୁଷିକ କାର୍ଯ୍ୟକୁ ଗଞ୍ଜାମ ଜିଲା ଶବର ସମାଜ ଦୃଢ଼ ନିନ୍ଦା କରିଛି। ଏ ନେଇ ସମାଜ ପକ୍ଷରୁ ଗୁରୁବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ପରେ ହତ୍ୟାକାରୀ ଓ ଲୁଟେରାଙ୍କ ଦ୍ୱାରା ହତ୍ୟା ଓ ବିଭିଷୀକାର ତାଣ୍ଡବ ଲୀଳା ବୃଦ୍ଧି ପାଇଛି। ଫଳରେ ସେଠାରେ ବସବାସ କରୁଥିବା ନିରୀହ ବନବାସୀ ଜାତିର ଲୋକେ ବିଭିନ୍ନ ଆକ୍ରମଣର ଶୀକାର ହେଉଛନ୍ତି। ଏପରିକି ବୃଦ୍ଧ ଓ ଶିଶୁମାନେ ମଧ ଆକ୍ରମଣରୁ ବର୍ତ୍ତୀ ନ ଥିବା ସଂଘ କହିଛି। ଏହା ନୂତନ ସରକାରଙ୍କ ଅରାଜକତା ବୋଲି ସଂଘ ଅଭିଯୋଗ କରିଛି। ଏଣୁ ଏଭଳି ଘଟଣା ଘଟାଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, କ୍ଷତିଗ୍ରସ୍ତ ଜନଜାତି ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ସୁରକ୍ଷା, ଗରିବ ଏବଂ ନିଷ୍ପେସିତ ତଥା ଅବହେଳିତ ଜନଜାତିର ଲୋକଙ୍କ ସୁରକ୍ଷା ତଥା ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯତ୍ନବାନ ହେବା ପାଇଁ ସଂଘ ଦାବି କରିଛି।


ଉପଜିଲାପାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଶବର ସମାଜ କର୍ମକର୍ତ୍ତା।

# ଗଞ୍ଜାମରେ ହେବ ୩ ଭିକ୍ଷୁକ ଥଇଥାନ କେନ୍ଦ୍ର

ଛତ୍ରପୁର,୨୯।୭(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ୩ଟି ଭିକ୍ଷୁକ ଥଇଥାନ କେନ୍ଦ୍ର ପ୍ରତିଷ୍ଠା ହେବ । ଏନେଇ ରାଜ୍ୟ ସରକାର ମଞ୍ଜୁର କରିଥିବା ନେଇ ସାମାଜିକ ସୁରକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ପକ୍ଷରୁ ଏକ ଚିଠି ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଗୁରୁବାର ଆସିଛି । ପୂର୍ବରୁ ଫେବୃୟାରୀରେ ଗଞ୍ଜାମରେ ଗୋଟିଏ ଭିକ୍ଷୁକ ଥଇଥାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ। ଏବେ ଆଉ ୨ଟିକୁ ମିଶାଇ ୩ ଭିକ୍ଷୁକ ଥଇଥାନ କେନ୍ଦ୍ରକୁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଫେବୃୟାରୀରୁ ମଞ୍ଜୁରୀ ମିଳିଥିବା ବେଳେ ଏ ପର୍ଯ୍ୟନ୍ତ ଏଥିପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି। ଆହୁରି ଜଣାଯାଇଛି, ଏକ ସ୍ୱେଚ୍ଛାସେବୀ ସଂଗଠନକୁ ଉକ୍ତ କେନ୍ଦ୍ର ପରିଚାଳନା ଦାୟିତ୍ୱ ଦିଆଯିବ। ଏନେଇ ଟେଣ୍ଡର କରି ଭିକ୍ଷୁକ ଥଇଥାନ କେନ୍ଦ୍ର ପରିଚାଳନା ପାଇଁ ସଂଗଠନ ଚୟନ କରିବାକୁ ଉକ୍ତ ଚିଠିରେ କୁହାଯାଇଛି। ଉକ୍ତ ସଂସ୍ଥା ନିଜସ୍ୱ ସ୍ଥାନରେ କେନ୍ଦ୍ର ପ୍ରତିଷ୍ଠା କରି ଭିକ୍ଷୁକମାନଙ୍କୁ ରଖି ସେମାନଙ୍କ ଯତ୍ନ ନେବା ସହ ଖାଇବା, ରହିବାର ବ୍ୟବସ୍ଥା କରିବେ ବୋଲି ଜଣାପଡିଛି । ପ୍ରତି ମାସରେ ଜଣେ ଭିକ୍ଷୁକଙ୍କ ପିଛା ସଂସ୍ଥା ୩୪୦୩ ଟଙ୍କା ଅନୁଦାନ ପାଇବେ ବୋଲି ସୂଚନା ମିଳିଛି। ତୁରନ୍ତ ଏ ସମ୍ପର୍କରେ ସଂସ୍ଥା ଚୟନ କରି ବିଭାଗକୁ ଜଣାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅପରପକ୍ଷରେ ବର୍ତ୍ତମାନ ଜିଲାରେ କେତେ ଭିକ୍ଷୁକ ଅଛନ୍ତି, ସେ ସମ୍ପର୍କରେ ପ୍ରଶାସନ କିମ୍ବା ସାମାଜିକ ସୁରକ୍ଷା ବିଭାଗ ନିକଟରେ ତଥ୍ୟ ନାହିଁ। ମିଳିଥିବା ସୂଚନା ଅନୁସାରେ, ୨୦୧୭ରେ ଭିକ୍ଷୁକଙ୍କ ସମ୍ପର୍କରେ ସର୍ଭେ ହୋଇଥିଲା, ସେତେବେଳେ ୫୦୦ ଥିଲେ । ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁରରେ ଗୋଟିଏ ଭିକ୍ଷୁକ ଥଇଥାନ କେନ୍ଦ୍ର ଖୋଲିବ ଏବଂ ଏଥିପାଇଁ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ ବୋଲି ଯୋଗାଯୋଗ ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା କହିଛନ୍ତି।

# ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

ଆସିକା,୨୯।୭ (ଡି.ଏନ.ଏ.)

ଆସିକା ବନାଞ୍ଚଳର ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ ହୋଇଥିଲା । ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲ୍ଲୀପ କୁମାର ରାଉତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସହକାରୀ ବନସଂରକ୍ଷକ ଶଙ୍କର୍ଷଣ ବେହେରା ଯୋଗଦେଇଥିଲେ। ଆସିକା ବନାଞ୍ଚଳରେ ବ୍ୟାଘ୍ର ନ ଥିଲେ ମଧ ପଡ଼ୋଶୀ ବଡ଼ଗଡ଼, ସୋରଡା ଓ ବୁଗୁଡା ବନାଞ୍ଚଳରେ ବ୍ୟାଘ୍ରଙ୍କ ବସତି ରହିଛି। ତେବେ ଆସିକା ବନାଞ୍ଚଳରେ କୁଟୁରା, ସମ୍ବର ଓ ଜିଆଦ ଆଦି ତୃଣଭୋଜି ପ୍ରାଣୀ ରହିଥିବାରୁ ବିଭିନ୍ନ ସମୟରେ ପଡ଼ୋଶୀ ବନାଞ୍ଚଳରୁ ବ୍ୟାଘ୍ର ଶିକାର ଉଦ୍ଦେଶ୍ୟରେ ଏହି ବନାଞ୍ଚଳ ପରିସରକୁ ଆସିଥାନ୍ତି। ଏତଦ ପରିସ୍ଥିତିରେ ଏହି ଜୀବର ସୁରକ୍ଷା ଲାଗି ଜଙ୍ଗଲ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ଲାଗି ଆହ୍ୱାନ କରାଯାଇଥିଲା।

# ଅଦାଲତର ଆଶ୍ରୟ ନେଲେ ଏନ୍‌ଏସି ସଫେଇ କର୍ମଚାରୀ

## ଦୁର୍ବ୍ୟବହାର ଅଭିଯୋଗ

ଖଲ୍ଲିକୋଟ,୨୯।୭(ଡି.ଏନ.ଏ.)

ଖଲ୍ଲିକୋଟ ଏନ୍‌ଏସି ସଫେଇ କର୍ମଚାରୀଙ୍କ ଦରମା ଠିକ୍ ଭାବେ ଦେଉନଥିବା, ଇପିଏଫ ଜମା ହେଉନଥିବା, ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ସୁପରଭାଇଜର ଦୁର୍ବ୍ୟବହାର କରୁଥିବା ଅଭିଯୋଗ ନେଇ ଗୁରୁବାର ପ୍ରାୟ ୧୫ ରୁ ଅଧିକ କର୍ମଚାରୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଇନ ତାଲୁକା ସେବା କେନ୍ଦ୍ର ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଜଜ ଶ୍ରୀନିବାସ ପ୍ରତିହାରୀଙ୍କୁ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ। ବିଚାରପତି ପ୍ରତିହାରୀ ଆଇନଜୀବୀ ସନ୍ତୋଷ କୁମାର ମିଶ୍ରଙ୍କୁ ସହାୟତା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏସି କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମିଶ୍ର, ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ସୁପରଭାଇଜର ସଞ୍ଜିତ ପାତ୍ର ଓ ସଫେଇ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଫେଇ କର୍ମଚାରୀମାନେ ସମସ୍ତ ଅଭିଯୋଗ ଉପସ୍ଥାପନ କରିଥିଲେ। ଇପିଏଫ ଆକାଉଣ୍ଟରେ ସେମାନଙ୍କ ମୋବାଇଲ ନମ୍ବର ଓ ପାସ୍‌ୱାର୍ଡ ନ ଦେଇ ସୁପରଭାଇଜର ପାତ୍ର ନିଜର ମୋବାଇଲ ନମ୍ବର ଓ ପାସ୍‌ୱାର୍ଡ ଦେଇଥିବାରୁ ସେମାନେ ଇପିଏଫ ଟଙ୍କା ଆକାଉଣ୍ଟ ସମ୍ବନ୍ଧରେ କିଛି ଜାଣି ପାରୁନାହାନ୍ତି। ଦରମା ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ନ ପଠାଇ କର୍ମଚାରୀଙ୍କୁ ହାତରେ କିସ୍ତି ଆକାରରେ ଦେଉଥିବାରୁ କେତେ ଟଙ୍କା ଦରମା ପାଉଛନ୍ତି ସେମାନେ ଜାଣିପାରୁ ନାହାନ୍ତି।

ତା'ସହ ଦୁଇ ଜଣ ସଫେଇ କର୍ମଚାରୀ କବି ନାୟକ ଓ ଶ୍ରୀକାନ୍ତ ନାୟକଙ୍କୁ ବିନା କାରଣରେ କାର୍ଯ୍ୟରୁ ବାହାର କରି ଦେଇଥିବାରୁ ତୁରନ୍ତ ସେହି ଦୁଇ ଜଣଙ୍କୁ ପୁନଃ ନିଯୁକ୍ତି ପାଇଁ ଦାବି କରିଥିଲେ। ନିର୍ବାହୀ ଅଧିକାରୀ ସବୁ ଦାବି ମାନିନେବା ସହ ସୁପରଭାଇଜର କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଗଷ୍ଟରୁ ଦରମା ଟଙ୍କା କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ, ଇପିଏଫ ଆକାଉଣ୍ଟରେ ସୁପରଭାଇଜରଙ୍କ ମୋବାଇଲ ନମ୍ବରକୁ ବଦଳାଇ କର୍ମଚାରୀଙ୍କ ନିଜ ମୋବାଇଲ ନମ୍ବର ଦିଆଯିବ। ଛଟେଇ ହୋଇଥିବା ଦୁଇ ଜଣ କର୍ମଚାରୀଙ୍କୁ ନିର୍ବାହୀ ଅଧିକାରୀ ନିଯୁକ୍ତି ଦେବେ ବୋଲି କହିଥିଲେ।


ଅଦାଲତର ଆଶ୍ରୟ ନେଇଥିବା ସଫେଇ କର୍ମଚାରୀ।

# ଗଞ୍ଜାମରେ ଓଡ଼ିଶା ଖାଦ୍ୟ ଆୟୋଗ ଅଧକ୍ଷ

- ପିଡିଏସ୍, ଭତ୍ତା ହିତାଧିକାରୀଙ୍କ ସହ ଆଲୋଚନା
- ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ପରିଦର୍ଶନ

ଛତ୍ରପୁର,୨୯।୭(ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷ ପ୍ରମୋଦ କୁମାର ମେକାପ୍ ଦୁଇଦିନିଆ ଗଞ୍ଜାମ ଗସ୍ତରେ ଗୁରୁବାର ଆସି ପହଞ୍ଚିଛନ୍ତି। ଜିଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ପରିଦର୍ଶନ କରି ଶିଶୁ, ଗର୍ଭବତୀମାନଙ୍କୁ ଦିଆଯାଉଥିବା ଖାଦ୍ୟ, ପିଡିଏସ୍, ବିଭିନ୍ନ ଭତ୍ତା ବଣ୍ଟନ ସମ୍ପର୍କରେ ଅନୁଧ୍ୟାନ ସହ ସମୀକ୍ଷା କରିଛନ୍ତି। ଏଥିସହ ବିଭିନ୍ନ ମହିଳା ସଂଘ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ଛତୁ, ପେପର ପ୍ଲେଟ୍, ସିମେଣ୍ଟ ନନ୍ଦ, ଫୁଲ ଚାଷ ଆଦିର ମଧ ସେ ପରିଦର୍ଶନ କରିଥିଲେ। ଗୁରୁବାର ଅପରାହ୍ନରେ ଅଧକ୍ଷ ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ କାଳିଆବାଲି ଗାଁକୁ ଆସି ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଏଥିସହ ପ୍ରାଥମିକ ସ୍କୁଲରେ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସହ ସେ ଆଲୋଚନା କରିଛନ୍ତି। ପରେ ଚମାଖଣ୍ଡି ପଞ୍ଚାୟତ ଅଫିସକୁ ଯାଇ ସେଠାରେ ପିଡିଏସ୍ ବଣ୍ଟନର ଅନୁଧ୍ୟାନ ସହ ପିଡିଏସ୍ ଓ ଭତ୍ତା ହିତାଧିକାରୀଙ୍କ ସହ ସେ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ଚମାଖଣ୍ଡି ଛକରେ ଥିବା ଅଙ୍ଗନୱାଡି କେନ୍ଦ୍ରର ନିଟ୍ୟୁ ଗାର୍ଡେନ୍ ପରିଦର୍ଶନ କରିଛନ୍ତି। ବଣବୁଲାପଲ୍ଲୀ ଗାଁର ଜୟବୀର ହନୁମାନ ମହିଳା ସଂଘ ଦ୍ୱାରା ପ୍ରସ୍ତୁତ ପେପର ପ୍ଲେଟ, ସାଇ ଭେଙ୍କଟେଶ୍ୱର ମହିଳା ସଂଘର ଛତୁ ଚାଷ, ଶ୍ରୀଗଣେଶ ମହିଳା ସଂଘର ଛତୁ ଚାଷ ଓ ସିମେଣ୍ଟ ନନ୍ଦ ପ୍ରସ୍ତୁତିର ଅନୁଧ୍ୟାନ ଓ ସେମାନଙ୍କ ସହ ଅଧକ୍ଷ ଆଲୋଚନା କରିଥିଲେ। ନୂଆପଲ୍ଲୀରେ ମହିଳା ସଂଘ ପକ୍ଷରୁ କରାଯାଉଥିବା ଫୁଲଚାଷ ମଧ ସେ ପରିଦର୍ଶନ କରି ଖୁସି ପ୍ରକଟ କରିଥିଲେ। ପରେ ସେ ରଙ୍ଗେଇଲୁଣ୍ଡା ବ୍ଲକକୁ ଯାଇଥିଲେ। ଆୟୋଗ ଅଧକ୍ଷଙ୍କ ପରିଦର୍ଶନ ବେଳେ ଅତିରିକ୍ତ ଜିଲାପାଳ ଲୀନା କୁମାର ଖେସ୍ , ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ଓ ସିଡିପିଓ କ୍ରିଷ୍ଣା କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ଆୟୋଗ ଅଧକ୍ଷ ପିଡିଏସ୍ ସାମଗ୍ରୀ ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି

**ଦଶପଲ୍ଲା,୨୯ ।୭ଙ(ଡି.ଏନ.ଏ.)**-ଗତ ପ୍ରାୟ ୧୦ଦିନ ହେଲା ଦଶପଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମି ଥିଲା । ଚଳିତ ସପ୍ତାହରେ ପୁଣି ବଢ଼ିବାରେ ଲାଗିଛି। ଗତ ୨୦ ତାରିଖରେ ଦଶପଲ୍ଲାରେ ୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲା ବେଳେ ୨୧ ତାରିଖରେ ୪ଜଣ , ୨୨ରେ ୬ଜଣ, ୨୩ ରେ ୨, ୨୪ ତାରିଖରେ ଜଣେ , ୨୫ ତାରିଖରେ ୨ଜଣ ,୨୬ ତାରିଖରେ ଶୂନ୍, ୨୭ ତାରିଖରେ ୩ଜଣ, ୨୮ ତାରିଖରେ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏପରି ସ୍ଥିତିକୁ ନେଇ ଲୋକମାନଙ୍କ ମଧ୍ୟରେ ଭୟ ଲାଗି ରହିଛି । ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସଂଖ୍ୟା କମ୍ ରହୁଛି ।

### ୪୨ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୨୯।୭:** ନୟାଗଡ଼ ଜିଲାରେ ଗୁରୁବାର ରିପୋର୍ଟରେ ୪୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୪୮୯ ରେ ପହଞ୍ଚିଛି । ଆଜି ଭାପୁର ବ୍ଲକରେ ୩ , ଦଶପଲ୍ଲା ବ୍ଲକରେ ୪, ଗଣିଆ ବ୍ଲକରେ ୨, ଖଣ୍ଡପଡ଼ା ବ୍ଲକରେ ୪, ନୟାଗଡ଼ ବ୍ଲକରେ ୬, ନୂଆଗାଁ ବ୍ଲକରେ୧, ଓଡ଼ଗାଁ ବ୍ଲକରେ ୫, ରଣପୁର ବ୍ଲକ ୫ ଓ ନୟାଗଡ଼ ପୌରାଞ୍ଚଳରେ ୧୨ ଜଣ ଚିହ୍ନଟ ହୋଇଛନ୍ତି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୪୩ ଜୀବନ ନେଇ ସାରିଛି ।

### ମଦ ଜବତ, ଜଣେ ଗିରଫ

**ଖଣ୍ଡପଡ଼ା,୨୯।୭ (ସ୍ୱ.ପ୍ର.):** ଖଣ୍ଡପଡ଼ା ପୋଲିସ ଟିମ୍ ସ୍ଥାନୀୟ ଶିଖରପୁର ପଞ୍ଚାୟତ ବରପଲ୍ଲୀ ଗ୍ରାମ ହରିଜନ ସାହିରେ ଚଢ଼ାଉ କରି ଅରୁଣ ନାଏକଙ୍କ ଘରୁ ୧୦ ଲିଟର ଦେଶୀ ମଦ ଜବତ କରିଛି । ମଦ ଚୋରା କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଥାନରେ ଏକ ମାମଲା(ନଂ.୧୪୬/୨୧) ରୁଜୁ ହୋଇଛି ।

### ବିଜେଡି ଛାତ୍ର ସଙ୍ଗଠନ ସାଧାରଣ ସମ୍ପାଦକ ବହିଷ୍କୃତ

**ନୟାଗଡ଼ ଅଫିସ/ ରଣପୁର, ୨୯।୭ (ସ୍ୱ.ପ୍ର.):** ନୟାଗଡ଼ ଜିଲା ବିଜୁ ଜନତା ଦଳଛାତ୍ର ସଙ୍ଗଠନ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତିଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରାଯାଇଛି । ଜିଲା ସଭାପତି ନୀଳମାଧବ ପଣ୍ଡା ତାଙ୍କୁ ପଦବୀରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଶୃଙ୍ଖଳିତ ଆଚରଣ ଓ କାର୍ଯ୍ୟ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି ।

### ମହିଳା ହୋମଗାର୍ଡଙ୍କୁ ଅସଦାଚରଣ, ଜଣେ ଗିରଫ

**ରାଇକିଆ,୨୯।୭(ଡି .ଏନ. ଏ.):** ଜଣେ ମହିଳା ହୋମ ଗାର୍ଡଙ୍କୁ ଅସଦାଚରଣ ଅଭିଯୋଗରେ ରାଇକିଆ ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କୁନା ଦିଗାଲ। କୁନା ମହିଳା ହୋମଗାର୍ଡଙ୍କୁ ଅସଦାଚରଣ କରିଥିବା ନେଇ ଜାନୁୟାରୀରୁ ରାଇକିଆ ଥାନାରେ ଏତଲା ହୋଇଥିଲା। ପୋଲିସ ନଂ. ୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ଛଅ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଫେରାର ଥିବା କୁନାଙ୍କୁ ପୋଲିସ ଗୁରୁବାର ଗିରଫ କରିଥିଲା।

### ଲଘୁଚାପ ବର୍ଷା, ଗଛ ପଡ଼ି ରାସ୍ତା ଅବରୋଧ

**ଖଜୁରିପଡ଼ା/ ବଲସକୁମ୍ପା,୨୯।୭ (ଡି.ଏନ.ଏ.) :** ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତର କେନ୍ଦ୍ରା ସାହିଠାରେ ଏକ ବିଶାଳ ଜାମୁ ଗଛ ଲଘୁଚାପଜନିତ ବର୍ଷା ଯୋଗୁ ବାରପୁଳିଆ ପାକାନା ଗାଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ଉପରେ ଭାଙ୍ଗି ପଡ଼ିଥିଲା। ଫଳରେ ଘଣ୍ଟାଏ ପର୍ଯ୍ୟନ୍ତ ସେଠାରେ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ସୂଚନାଯୋଗ୍ୟ, ରାସ୍ତା କଡ଼ରେ ବହୁ ପୁରାତନ ଗଛଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗଛଗୁଡ଼ିକ ଶୁଖିଯାଇ ତାହାର ଡାଳ ଓ ଶାଖାଗୁଡ଼ିକ ବର୍ଷା ପବନରେ ରାସ୍ତା ଉପରେ ପଡୁଛି। ତେଣୁ କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଆଦିବାସୀ ଅଞ୍ଚଳରେ ବିକାଶ ଭେଳିକି

**ନୟାଗଡ଼ ଅଫିସ,୨୯।୭**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା କିପରି ହେଉଛି ତାର ତଦାରଖ କି ସମୀକ୍ଷା କରାଯାଉନାହିଁ। ଏପରିକି କାମ ଚାଲିଥିବାବେଳେ ଯନ୍ତ୍ରୀ ବି ଉପସ୍ଥିତ ରହୁ ନାହାନ୍ତି । ଏଣୁ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ପାଇ ନୟାଗଡ଼ ଜିଲା ପରିଷଦର ଗୃହ କମିଟି ଦଶପଲ୍ଲା ନିର୍ବାଚନମଣ୍ଡଳୀର ନୂଆଗାଁ ବ୍ଲକ ଅଞ୍ଚଳକୁ ବୁଧବାର କାମ ଅନୁଧ୍ୟାନ କରିବାକୁ ଯାଇଥିଲେ । ଗୃହ କମିଟିର ସଭ୍ୟ ନସିର ଅହମ୍ମଦ, ରାମେଶ୍ୱର ଶତପଥୀ, ଟି.ଗୀତାଞ୍ଜଳି ଦୋରା, ଗ୍ରାମଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ରଣା ଓ ଏଷ୍ଟିମେଟର ବସନ୍ତ ଦାସ ପ୍ରମୁଖ ଅନୁଧ୍ୟାନ ପରେ ଦେଖିବାକୁ ପାଇଛନ୍ତି କାମ ଚାଲିଥିବାବେଳେ କଂକ୍ରିଟ ରାସ୍ତା ଫାଟି ଆଁ କଲାଣି । ପୁଣି ରାସ୍ତାରୁ ପିଚୁ ଉଠିଗଲାଣି । ପୋଲର ଉଭୟ ପାର୍ଶ୍ୱରେ ବାଲି ବଦଳରେ ମାଟି ପୋତା ଚାଲିଛି । ଆଦିବାସୀ ଅଞ୍ଚଳରେ ବିକାଶ ନାଁରେ ରାସ୍ତା କାର୍ଯ୍ୟରେ ହରିଲୁଟ୍ ଚାଲିଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରି ଠିକ୍ ଭାବେ କାମ କରିବାକୁ ପରାମର୍ଶ ଦେଇଛନ୍ତି ।


ନିର୍ମାଣସ୍ଥଳରେ ଜିଲା ପରିଷଦର ଗୃହ କମିଟି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

୨୦୧୮-୧୯ ଆର୍ଥିକ ବର୍ଷରେ ବାଲଣ୍ଡାରୁ ବରକୋଳା ପିତ୍ତବୁଡ଼ି ରାସ୍ତା ଓ ଆରଡି ରୋଡଠାରୁ ଗୋହିରିବାଦୁ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ ହୋଇ ଅର୍ଥ ମଞ୍ଜୁର ହୋଇଥିଲା । ବାଲଣ୍ଡାରୁ ବରକୋଳା ପିତ୍ତବୁଡ଼ି ରାସ୍ତାର ୧୨.୭୦ କିମି ପାଇଁ ୬କୋଟି ୧୨ ଲକ୍ଷ ୮୮ ହଜାର ଟଙ୍କା ମଞ୍ଜୁର ହୋଇଛି । ୨୦୧୯ ଅଗଷ୍ଟ୧୯ରେ ଏହି ରାସ୍ତାର ଟେଣ୍ଡର ହୋଇଥିବାବେଳେ ୨୦୨୦ ଜୁଲାଇ ୨୦ରେ ନିର୍ମାଣ କାମ ଆରମ୍ଭ ହୋଇ ଶେଷ ହୋଇନି । କାମ ଧିମେଇ ଚାଲିଛି । ଏହାର ରାସ୍ତା କାମ ଠିକ୍‌ରେ ହେଉ ନ ଥିବା ଅଭିଯୋଗ ହୋଇଛି । ସେହିପରି ଉକ୍ତ ରାସ୍ତାର ଶିଙ୍କୁଳିତଇଲା ଗାଁ ନିକଟରେ ଏକ ପୋଲ କାମ ଚାଲିଛି। ପୋଲର ଉଭୟ ପାର୍ଶ୍ୱରେ ବାଲି ବଦଳରେ ମାଟିରେ ପୋତା ଚାଲିଛି । ଏହି ପୋଲ ଉପରେ କରଡାପଲ୍ଲୀ, ରାମପଲ୍ଲୀ, କୁଶବିଡା, ଗୁଣ୍ଡୁରାସାହି, ଶିଙ୍କୁଳିତଇଲା ଗାଁର ଆଦିବାସୀ ଲୋକମାନେ ନିର୍ଭର କରିବେ । ତେବେ ନିମ୍ନମାନର କାମକୁ ରୋକା ନ ଗଲେ ପୋଲର ସ୍ଥାୟିତ୍ୱ ରହିବନି ।

ସେହିପରି ଆରଡି ରୋଡଠାରୁ ଗୋହିରିବାଦୁ ରାସ୍ତାର ୪.୩ କିମି ପାଇଁ ୨ କୋଟି ୭୮ ହଜାର ଟଙ୍କା ମଞ୍ଜୁର ହୋଇଛି। ୨୦୧୮ ମେ ୧୬ରେ ଏହି ରାସ୍ତାର ଟେଣ୍ଡର ହୋଇଥିବାବେଳେ ୨୦୧୯ ଫେବୃଆରୀ ୧୫ରେ ନିର୍ମାଣ କାମ ଆରମ୍ଭ ହୋଇ ଶେଷ ହୋଇନି । କାମ ମନ୍ଥର ଗତିରେ ଚାଲିଛି । ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ କୁହନ୍ତି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନୁଧ୍ୟାନ ପରେ ଦେଖିବାକୁ ପାଇଲୁ ସାଇଟ୍‌କୁ ଯନ୍ତ୍ରୀ ଆସୁ ନାହାନ୍ତି । ଆଦିବାସୀ ଅଞ୍ଚଳରେ ଜଣେ ଠିକା କଣ୍ଟ୍ରାକ୍ଟର ମନଇଚ୍ଛା ପୋଲ କାମ କରୁଛନ୍ତି । ସରକାରୀ ଗାଇଡ୍ ଲାଇନକୁ ଅଣଦେଖା କରି ନିମ୍ନମାନର କରୁଥିବାରୁ କାମ ଚାଲିଥିବାବେଳେ ରାସ୍ତା ନଷ୍ଟ ହୋଇ ଗଲାଣି । ରାସ୍ତାରେ ବଡ ବଡ ମେଣ୍ଟାଲ ପଡୁଛି । ପିଚୁ କମ ପକା ଯାଉଛି । କାମ ଶେଷ ହୋଇନି ପିଚୁ ଉଠିଗଲାଣି। କଂକ୍ରିଟ ରାସ୍ତାରେ ପାଟ ହେଲାଣି । ରାସ୍ତା କାମରେ ସ୍ୱଚ୍ଛତା ରହୁ ନ ଥିବାରୁ ଏନେଇ ପ୍ରଶାସନକୁ ଅବଗତ କରାଇବୁ ବୋଲି କହିଛନ୍ତି । ପ୍ରଫୁଲ୍ଲ ପ୍ରଧାନ ନାମକ ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ରାସ୍ତା ଓ ପୋଲ ଭଲ କାମ ହେଉନି କହିବାରୁ ଆମକୁ ଧମକଚମକ ମିଳୁଛି । ଏଣୁ ଆମେ ଅଭିଯୋଗ ନ କରି ଚୁପ ହୋଇ ରହୁଛୁ ବୋଲି କହିଛନ୍ତି ।

- କଂକ୍ରିଟ ରାସ୍ତା ଫାଟି ଆଁ, ପିଚୁ ଉଠିଗଲାଣି
- ମାଟିରେ ପୋତା ଚାଲିଛି ପୋଲ ପାର୍ଶ୍ୱ ଗର୍ତ୍ତ
- କାର୍ଯ୍ୟସ୍ଥଳରେ ଉପସ୍ଥିତ ରହୁ ନାହାନ୍ତି ଯନ୍ତ୍ରୀ
- ଉଦ୍‌ବେଗ ପ୍ରକାଶ କଲା ଜିଲା ପରିଷଦ ଗୃହ କମିଟି
- ନିମ୍ନମାନର କାମକୁ ନେଇ ଅସନ୍ତୋଷ

# ଡାକ୍ତରଙ୍କୁ ଅପହରଣ ପରେ ଛାଡ଼ିଲେ

## ସୁନା ଚେନ୍, ୧ ଲକ୍ଷ ଟଙ୍କା ନେଲେ

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୯।୭ (ଡି.ଏନ୍.ଏ.)**

ନୟାଗଡ଼ ଜିଲାରେ ଲୁଟେରାଙ୍କ ଉତ୍ପାତ ବଢ଼ି ଚାଲିଛି । ଗତ ୨୭ ତାରିଖରେ କନ୍ଧମାଳ ଜିଲା ଲାଇନପଡା ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ୪ ଲୁଟେରା ଅପହରଣ କରି ସୁନା ଚେନ ଓ ଗୁଗୁଲ ପେରୁ ୧ ଲକ୍ଷ ନେବା ପରେ ଛାଡି ଦେଇଛନ୍ତି । ଏନେଇ ଅଭିଯୋଗ ପରେ ଦଶପଲ୍ଲା ଥାନା ପୋଲିସ ଏକ ମାମଲା (ନଂ.୧୨୩/୨୧) ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୋଗ ଅନୁଯାୟୀ, ଗତ ୨୭ ତାରିଖରେ ଡାକ୍ତର ଭାବଗ୍ରାହୀ ସାହୁ କାର ଯୋଗେ କନ୍ଧମାଳରୁ ଭୁବନେଶ୍ୱର ଯାଉଥିଲେ । ୪ଜଣ ଲୁଟେରା ତାଙ୍କ ପିଛା କରି କାରକୁ ଅଟକାଇ ପୁରୁଣା ଦଶପଲ୍ଲା ବ୍ରିଜ ନିକଟରୁ ତାଙ୍କୁ ଅପହରଣ କରି ନେଇଥିଲେ । ବାଟରେ ଡାକ୍ତର ସାହୁ ପିନ୍ଧିଥିବା ସୁନା ଚେନ୍ ଓ ଗୁଗୁଲ ପେ ଆକାଉଣ୍ଟରୁ ୧ ଲକ୍ଷ ନେଇ ନେବା ପରେ ଗଣିଆ ନିକଟସ୍ଥ ରାଜକିଆରୀ ଠାରେ ତାଙ୍କୁ ଛାଡି ଲୁଟେରାମାନେ ଫେରାର ହୋଇଯାଇଥିଲେ।

# ଖଣ୍ଡପଡ଼ାରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

**ଖଣ୍ଡପଡ଼ା,୨୯।୭ (ସ୍ୱ.ପ୍ର.)**

ଗତ ୨ବର୍ଷ ଧରି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ସେଭଳି କୌଣସି ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଏକାଧିକ ନୂତନ ପ୍ରକଳ୍ପ କାର୍ଯ୍ୟ କେବଳ ସରକାରୀ ଫାଇଲରେ ପଡି ରହିଛି । ପ୍ରଶାସନିକ ସ୍ଥାଣୁତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି ।

ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ତଥା ଲକ୍ଷାଧିକ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଖଣ୍ଡପଡ଼ାରେ ଏକ ବିଦ୍ୟୁତ ଗ୍ରୀଡ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପକ୍ଷରୁ ୫୭ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ମାତ୍ର ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଜମି ଚିହ୍ନଟ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅଦ୍ୟାବଧି ଜମି ଅଧିଗ୍ରହଣ ହୋଇ ନାହିଁ । ଫଳରେ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଉ ଆଗେଇପାରୁ ନାହିଁ । ଅପରପକ୍ଷେ ଉକ୍ତ ମଞ୍ଜୁର ଟଙ୍କା ଠିକ୍ ସମୟରେ ବିନିଯୋଗ କରା ନ ଯିବାରୁ ଫେରିଯାଇଛି । ଫଳରେ ଉକ୍ତ ପ୍ରକଳ୍ପ ବା ଗ୍ରୀଡ ଅଞ୍ଚଳବାସୀଙ୍କ ସ୍ୱପ୍ନରେ ରହିଯାଇଛି । ସେହିପରି ଖଣ୍ଡପଡ଼ା ସହରର ଉମାଦେବୀ ଛକ ନିକଟରେ ପ୍ରସ୍ତାବିତ ବିଜ୍ଞାନ ପାର୍କ ନିର୍ମାଣ କାର୍ଯ୍ୟ କେବଳ ଜମି ଅଧିଗ୍ରହଣ ଓ ସୂଚନା ଫଳକରେ ସୀମିତ ରହିଛି । କଣ୍ଟିଲୋ ତଥା



ବିଜ୍ଞାନ କେନ୍ଦ୍ରର ସୂଚନା ଫଳକ ।

ଖଣ୍ଡପଡ଼ା ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ପ୍ରସ୍ତାବିତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଏହି ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସର ସମୟାନୁକ୍ରମେ ଶ୍ରୀହୀନ ହେବାରେ ଲାଗିଛି । ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ମଞ୍ଜୁର ଅନୁଦାନ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ବିନିଯୋଗ ହୋଇ ପାରୁନାହିଁ । ଖଣ୍ଡପଡ଼ା ସହରବାସୀଙ୍କ ଆମୋଦ ପ୍ରମୋଦ ନିମନ୍ତେ ପ୍ରସ୍ତାବିତ ସ୍ଥାନରେ ପାର୍କ ନିର୍ମାଣ କାର୍ଯ୍ୟ, ସ୍ଥାୟୀ ବସଷ୍ଟାଣ୍ଡ ଓ ଟ୍ୟାକ୍ସିଷ୍ଟାଣ୍ଡ ନିର୍ମାଣ କାମ ଅଧାରେ ଅଟକି ରହିଛି ।

# ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା



ଗଣିଆ ଥାନା ସମ୍ମୁଖରେ ରାଉତପଡ଼ା ଗ୍ରାମବାସୀ ଧାରଣା ଦେଇଛନ୍ତି ।

**ଗଣିଆ, ୨୯।୭ (ଡି.ଏନ.ଏ.)**

## ନୂଆ କ୍ଲବ ଘର ନିର୍ମାଣକୁ ନେଇ ବିବାଦ

ନୟାଗଡ଼ ଜିଲା ଗଣିଆ ଥାନା ରାଉତପଡା ଗାଁରେ ଏକ ସରକାରୀ ଜାଗାରେ ନୂତନ କ୍ଲବ ଗୃହ ନିର୍ମାଣକୁ ନେଇ ଗ୍ରାମର ବୀରବର ବେହେରା ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହାକୁ ନେଇ ଥାନାରେ ଗାଁର ଶତାଧିକ ଲୋକଙ୍କ ନାମରେ ୧୦୭ ମାମଲା ରୁଜୁ ହୋଇଛି । ଫଳରେ କୋଭିଡ ସମୟରେ ଗଣିଆ ଥାନା ଅଧିକାରୀ ଗାଁର ଶତାଧିକ ଲୋକଙ୍କ ନାମରେ ୧୦୭ ମାମଲା ରୁଜୁ କରି ଗ୍ରାମବାସୀଙ୍କୁ ହଇରାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରି ଗୁରୁବାର ଅପରାହ୍ନରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ଗଣିଆ-ଛାମୁଣ୍ଡିଆ ରାସ୍ତାରେ ୩ ଘଣ୍ଟା ଧରି ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଏମପିଙ୍କ ଜିଲା ପ୍ରତିନିଧି ସଦାଶିବ ମିଶ୍ର, ଗଣିଆ ତହସିଲଦାର କିଶୋର କୁମାର ପଣ୍ଡା, ବିଡିଓ ସିରିଆଲ ଶୁଭ୍ର ପଟେଲ, ଗଣିଆ ଆଇଆଇସି ବିମଳ କୁମାର ମଲ୍ଲିକ ଧାରଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ସେମାନେ ଧାରଣାରୁ ହଟିଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୨ତାରିଖରେ ଗ୍ରାମବାସୀ କ୍ଲବ ଘର ନିର୍ମାଣ କରିବାକୁ ଗାଁର ବୀରବରଙ୍କ ଦଖଲରେ ରହିଥିବା ସରକାରୀ ଜାଗାରେ ଥିବା ଘରକୁ ଭାଙ୍ଗି ଦେଇଥିଲେ। ପରେ ସେହି ସ୍ଥାନରେ ନୂତନ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହ ବୀରବରଙ୍କ ଦଖଲ ଜାଗାରେ ଥିବା ଗଛ କାଟିଦେବା ସହ ଗୁହାଳ ଘରକୁ ଗ୍ରାମବାସୀ ଭାଙ୍ଗି ଦେଇଥିବା ନେଇ ଗଣିଆ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଗ୍ରାମର ୧୦୨ଜଣଙ୍କ ନାମରେ ୧୦୭ ଦଫା ମାମଲା ରୁଜୁ ହୋଇଥିଲା।

## ସଙ୍ଗଠନ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

**ଖଣ୍ଡପଡ଼ା,୨୯।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଶ୍ରୀସୋମନାଥ ଦେବଙ୍କ ପୀଠରେ ବନମାଳୀପୁର ଭାଜପା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଅଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦଳର ବରିଷ୍ଠ ନେତା ଓ କର୍ମକର୍ତ୍ତାମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ସାହୁ ବିବରଣୀ ପାଠ କରିବା ସହ ଦଳର ଆଭିମୁଖ୍ୟ ଓ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ । ବନମାଳୀପୁର ମଣ୍ଡଳ ଉପସଭାପତି କାହ୍ନୁ ଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ଦାସ, ନୟାଗଡ଼ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶ ପ୍ରମୁଖ ବୈଠକରେ ଉପସ୍ଥିତ ରହି ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ନୟାଗଡ଼ ଅଫିସ,୨୯।୭**

ଇଟାମାଟି ଥାନା ନଛିପୁର ଗାଁରେ ଚିନ୍ମୟ ମହାନ୍ତି(୩୬) ନାମକ ଜଣେ ଯୁବକ ନିଜ ଘରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣା ପଡି ନ ଥିଲେ ହେଁ ପାରିବାରିକ ବିବାଦ ସନ୍ଦେହ କରାଯାଉଛି। ଚିନ୍ମୟଙ୍କ ସ୍ତ୍ରୀ କଟକରେ ନିଜ ଝିଅ ସହ ରହୁଛନ୍ତି । ଘରେ ଚିନ୍ମୟ ମା'ଙ୍କ ସହ ରହୁଥିଲେ । ଶୁକ୍ରବାର ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।

# ଚାରା ବାଣ୍ଟି ସଚେତନତା ପାଇଁ ଆହ୍ୱାନ


ଚାରା ବଣ୍ଟନ ପାଇଁ ଯାଉଥିବା ଅନୁଷ୍ଠାନର କର୍ମକର୍ତ୍ତା ।

**ନୟାଗଡ଼ ଅଫିସ,୨୯।୭**

ଚାରା ବାଣ୍ଟି ବୃକ୍ଷ ରୋପଣ ପାଇଁ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ନୟାଗଡ଼ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନର ସଭାପତି ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶରଣକୁଳରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶରଣକୁଳର ପ୍ରତି ପରିବାରକୁ ଚାରା ବଣ୍ଟନ ସହ ଲିଫ୍‌ଲେଟ୍ ମାଧ୍ୟମରେ ଗଛର ମହତ୍ତ୍ୱ ସଂକ୍ରାନ୍ତରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଶେଷରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା । ସଭାପତି ବିମଳ କୁମାର ଦାସଙ୍କ ଦ୍ୱାରା ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସାମାଜିକ କର୍ମୀ ବସନ୍ତ କୁମାର କର ସଭା ପରିଚାଳନା କରିଥିଲେ । ବଂଶୀଧର ଫାଉଣ୍ଡେଶନର ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ ମୁଁ ଗଛ କହୁଛି ଶୀର୍ଷକ ଉପରେ ନିଜର ମନ୍ତବ୍ୟ ରଖି କିଭଳି ଅମ୍ଳଜାନ ଅଭାବରୁ ଆମ ଜୀବନ ମୃତ୍ୟୁମୁଖରେ ପଡ଼େ ତାହା ବୁଝାଇଥିଲେ । ଅପର ପକ୍ଷେ କଂଗ୍ରେସ ଛାତ୍ରନେତା ଜ୍ୟୋତି ରଞ୍ଜନ ଦାସ,ଅକ୍ଷୟ ମଲ,ସାମାଜିକ କର୍ମୀ ରମେଶ ଚନ୍ଦ୍ର ମହାପାତ୍ର, ପରମାନନ୍ଦ ସ୍ୱାଇଁ, ପବ୍ଲିକ ରାଇଟ ଆସୋସିଏଶନର ରାଜଲକ୍ଷ୍ମୀ ସେନାପତି, ଆଇଜନୀବି ମନୋଜ କୁମାର ନାୟକ, ପ୍ରଦୀପ୍ତ କୁମାର ସାହୁ, ପ୍ରଫୁଲ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ଧାନ ରୁଆ ପାଇଁ ଚାଷୀ ତତ୍ପର

## ସାହା ହୋଇଛି ବର୍ଷା

**ବୁଗୁଡ଼ା,୨୯।୭(ଡି.ଏନ.ଏ.)**

ଗତ କିଛିଦିନ ହେଲା ବୁଗୁଡ଼ା ଅଞ୍ଚଳରେ ସାମାନ୍ୟ ବୃଷ୍ଟିପାତ ଯୋଗୁ ଚାଷୀକୁଳ ଚାଷ କାର୍ଯ୍ୟ ପାଇଁ ତତ୍ପର ହୋଇଛି। ବର୍ଷା ଅଭାବରୁ କେତେକ ସ୍ଥାନରେ ଚାଷ ଜମି ଫାଟି ଆଁ କରିଥିବା ବେଳେ ତଳି ପୋଡିବା ଆରମ୍ଭ ହେବା ସହ ଆଉ କେତେକ ସ୍ଥାନରେ ଗଜା ମରୁଡି ଆଶଙ୍କା ଦେଖାଦେଇଥିଲା। ଫଳରେ ଚାଷୀ ଚିନ୍ତାରେ ପଡିଥିଲେ। ହେଲେ ସାମାନ୍ୟ ବର୍ଷା ହୋଇଥିବାରୁ ଚାଷୀମାନେ ଏବେ ଧାନ ରୁଆ କାମ ଆରମ୍ଭ କରିଛନ୍ତି। ସ୍ଥାନୀୟ କୃଷି ବିଭାଗ ଅଧୀନ ବୁଗୁଡ଼ା ବ୍ଲକ ଓ ଏନ୍ଏସି ଅନ୍ତର୍ଗତ ୮୫୬୧ ହେକ୍ଟର ଚାଷ ଜମି ମଧ୍ୟରେ ୬୪୩୨ ହେକ୍ଟର ଜଳସେଚିତ ଜମି ଏବଂ ୨୧୨୯ ହେକ୍ଟର ଅଣଜଳସେଚିତ ଜମି ରହିଛି। ଜୁଲାଇରେ ୧୯୭ ମିମି ବର୍ଷା ହୋଇଥିବା ବେଳେ ୨୦୭୧ ହେକ୍ଟର ଜଳସେଚିତ ଜମି ଏବଂ ୧୯୨୫ ହେକ୍ଟର ଅଣଜଳସେଚିତ ଜମିରେ ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ନେଇ ସ୍ଥାନୀୟ ଗୋଷ୍ଠୀ କୃଷି ଅଧିକାରୀ ନୀହାର ରଞ୍ଜନ ପୃଷ୍ଟିଙ୍କଠାରୁ ପ୍ରକାଶ । ଅନ୍ୟପକ୍ଷରେ ଅନାବୃଷ୍ଟି ଯୋଗୁ ବାଘୁଆ ଜଳଭଣ୍ଡାରରେ ୭.୫୫ ପ୍ରତିଶତ ପାଣି ଥିବା ସତ୍ତ୍ୱେ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଖରିଫ୍ ଫସଲକୁ ବଞ୍ଚାଇବା ଲକ୍ଷ୍ୟରେ ଗତ ୨୨ ତାରିଖରୁ ଅଦ୍ୟାବଧି ଜଳଭଣ୍ଡାରରୁ ପାଣି ଛଡାଯାଉଛି ଏବଂ ଏବେ ବର୍ଷା ହେଉଥିବା ହେତୁ ଜଳଭଣ୍ଡାରରେ ଦୈନିକ ୧ କ୍ୟୁବିକ୍ ଜଳ ପ୍ରବେଶ କରୁଥିବା ବେଳେ ୬ କ୍ୟୁବିକ୍ ଜଳ ନିଷ୍କାସନ କରାଯାଉଥିବା ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁ କହିଛନ୍ତି। ତେବେ ଆଗାମୀ ଦିନରେ ଯଦି ଆବଶ୍ୟକ ପରିମାଣର ବର୍ଷା ନ ହୁଏ ତା'ହେଲେ ଚାଷୀମାନେ ସଙ୍କଟର ସମ୍ମୁଖୀନ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବର୍ଷେ ପରେ ବି ସହାୟତା ରାଶି ମିଳିଲା ନାହିଁ

## ୯ ଚାଷୀଙ୍କୁ ବାର୍ହା ଆକ୍ରମଣ ଘଟଣା

**ଖଣ୍ଡପଡ଼ା,୨୯।୭ (ସ୍ୱ.ପ୍ର.)**

ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ଭୋଗଡା ଗ୍ରାମ ନିକଟ ବିଲରେ କାମ କରୁଥିବା ବେଳେ ବାରହା ଆକ୍ରମଣରେ ଆହାତ ହୋଇଥିବା ୯ ଜଣଙ୍କୁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଇତିମଧ୍ୟରେ ବର୍ଷେ ପୁରିଛି, ତଥାପି ଆହତମାନଙ୍କୁ ସହାୟତା ରାଶି ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ୨୦୨୦ ଜୁଲାଇ ୨୩ ଅପରାହ୍ନରେ ଭାପୁର ବ୍ଲକ୍ ଅଧୀନ ଧାନଚେଙ୍ଗଡା ପଞ୍ଚାୟତ ଭୋଗଡା ଗ୍ରାମର କେତେଜଣ ବ୍ୟକ୍ତି ନିଜ ଧାନ କ୍ଷେତରେ ଚାଷ କାମରେ ବ୍ୟସ୍ତ ଥିବା ବେଳେ ହଠାତ୍ ନିକଟସ୍ଥ ଗୋସିଙ୍ଗ ପାହାଡରୁ ଏକ ଦନ୍ତା ବାରହା ଆସି ସେମାନଙ୍କୁ ଆକ୍ରମଣ କରିଥିଲା । ଏଥିରେ ଅଟଳ ସାମଲ(୩୬), ପ୍ରଫୁଲ୍ଲ ରାଉତ (୫୮), ନୀଳକଣ୍ଠ ବେହେରା(୫୫), ସୁବାସ ରାଉତ(୫୧), କାଲୁ ଧଳ(୨୫), ମାନସ ରଞ୍ଜନ ଧଳ(୩୬), ନକୁଳ ସେନାପତି(୫୧) ଗୋବିନ୍ଦ ସାମଲ(୬୬) ଓ ଦଣ୍ଡପାଣି ସାମଲ(୫୦) ଆହତ ହୋଇଥିଲେ। ସେମାନଙ୍କୁ କଣ୍ଟିଲୋ, ନୟାଗଡ଼ ଓ ପରେ ଗୁରୁତର ଚାଷୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ବନ ବିଭାଗ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଷୀମାନଙ୍କୁ ସରକାରଙ୍କ ବିଧି ବ୍ୟବସ୍ଥା ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଆହତମାନଙ୍କୁ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି ତତ୍କାଳୀନ ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ସୂଚନା ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ସହାୟତା ମିଳିନାହିଁ । ଏ ସମ୍ପର୍କରେ ଗତ ମାସରେ ଅବସର ଗ୍ରହଣ କରିଥିବା ବନାଞ୍ଚଳ ଅଧିକାରୀ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସହାୟତା ରାଶି ପାଇଁ ବନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି, ସହାୟତା ରାଶି ଆସିଲେ ଆହତ ହୋଇଥିବା ଚାଷୀମାନଙ୍କୁ ପ୍ରଦାନ କରାଯିବ ।


ଆହତ ହୋଇଥିବା ଚାଷୀମାନେ (ଫାଇଲ ଫଟୋ) ।